
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୫ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 AUGUST 2023
Vol.No. 35 ■ No. 215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଷ୍ଟ୍ରପତିଙ୍କ ସ୍ୱାଧୀନତା ଦିବସ ବାର୍ତ୍ତା: ସବୁ ନାଗରିକ ସମାନ, ସମସ୍ତଙ୍କ ଅଧିକାର ସମାନ



ନୂଆଦିଲ୍ଲୀ,୧୪/୦୮ : ଦେଶର ୭୭ତମ ସ୍ୱାଧୀନତା ଦିବସ ପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଭାରତର ଝିଅମାନେ ଆଗକୁ ବଢ଼ିବାକୁ ଚାହୁଁଥିବା କହିଥିବେ ବେଳେ ଦେଶର ସବୁ ନାଗରିକ ସମାନ ଓ ସମସ୍ତଙ୍କର ସମାନ ଅଧିକାର ରହିଛି ବୋଲି ମତ ରଖିଛନ୍ତି। ସେ କହିଛନ୍ତି, "ପ୍ରତି ଭାରତୀୟ ସମାନ ନାଗାରିକ। ପ୍ରତି ନାଗରିକଙ୍କ ପାଇଁ ଏହି ମାଟିରେ ସମାନ ସୁଯୋଗ, ଅଧିକାର ଓ କର୍ତ୍ତବ୍ୟ ରହିଛି। ଜାତି, ଧର୍ମ, ଭାଷାରୁ ଉପରେ ରହି ସମସ୍ତେ ଭାରତୀୟ ଭାବେ ପରିଚିତ। ଆଜିକା ଦିନରେ ଦେଶର ବିକାଶ ଓ ସେବା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ସେମାନେ ଦେଶର ଗର୍ବକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। କିଛି ଦଶନ୍ଧି ତଳେ ସେମାନଙ୍କ ଯୋଗାଦାନ ନଗଣ୍ୟ ଥିଲା। ହେଲେ ଏବେ ସେମାନେ ଅନେକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରିଛନ୍ତି।"

## ସହକର୍ମୀଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ବରିଷ୍ଠ କିରାଣି



ବାଲେଶ୍ୱର, ୧୪/୦୮ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ କିରାଣି ମନୋଜ କୁମାର ଭଞ୍ଜ। ଜଣେ ଠିକା ନର୍ସିଂ ଅଫିସରଙ୍କଠାରୁ ସେ ୮ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡ଼ିଥିଲେ। ଉକ୍ତ କର୍ମଚାରୀଙ୍କ ଠିକା ଅବଧି ପୂରଣ ହୋଇଯାଇଥିବା ବେଳେ ଚାକିରି ନିୟମିତ କରିବା ପାଇଁ ଆବଶ୍ୟକ ଫାଇଲ କାମ କରିବାକୁ ବରିଷ୍ଠ କିରାଣି ମନୋଜ କୁମାର ଭଞ୍ଜ ତାଙ୍କୁ ଲାଞ୍ଚ ମାଗିଥିଲେ। ଏନେଇ ଠିକା କର୍ମଚାରୀ ଜଣଙ୍କ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ମୁତାବକ ଆଜି ମନୋଜ କୁମାର ଭଞ୍ଜ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ମନୋଜ କୁମାର ଭଞ୍ଜଙ୍କ ଦୁଇ ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି।


DADLS-27



ପବିତ୍ର ସ୍ୱାଧୀନତା ଦିବସ – ୨୦୨୩ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା।

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR: 15001/13/0107/2324

DADLS-27

ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆସନ୍ତୁ ଏକ ନୂଆ ଓଡ଼ିଶା, ରୂପାନ୍ତରିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0107/2324

DADLS-27



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୭ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଦେଶପ୍ରେମୀ ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ, ଜାତୀୟ ପ୍ରୀତି, ଅହିଂସା-ଅସହଯୋଗ ମନ୍ତ୍ର ବଳରେ ଭାରତର ସ୍ୱାଧୀନତା ପ୍ରାପ୍ତି ଆମର ମହାନ୍ ଉପଲବ୍ଧି।

ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା।

(ପ୍ରଦୀପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR: 15001/13/0107/2324

MCL

Azadi Ka Amrit Mahotsav

ଆମକୁ ସ୍ୱାଧୀନତା ଆଣିଦେଇଥିବା ଶହୀଦମାନଙ୍କୁ କୋଟି ପ୍ରଣାମ

CELEBRATING
୭୭ତମ
ସ୍ୱାଧୀନତା ଦିବସ



ରାଷ୍ଟ୍ରର ସେବାରେ ଉତ୍ସର୍ଗୀକୃତ 24x7



ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅନୁଷଙ୍ଗୀ କଂପାନୀ)
ଜାଗୃତି ବିହାର, ବୁର୍ଲା, ଜିଲ୍ଲା: ସମ୍ବଲପୁର-୭୬୮୦୨୦ (ଓଡ଼ିଶା)
www.mahanadicoal.in | @mahanadicoal

# ସ୍ୱାଧିନତା ଦିବସ

## ବିଶ୍ୱବିଜୟୀ ଦାଶ



ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ୍ ଶାସନ ର ଚକ୍ରତଳେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧିନତା ର ଆଦ୍ୟବାୟୁ ନାସାପୁଟ ରେ ଆଘ୍ରାଣ କଲେ,ସେହି ଦିନ ଟି ହେଉଛି ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ।ସେହି ଦିବସଟି ଭାରତବର୍ଷ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ।ସେହି ଦିବସଟି ଅମରାକ୍ଷରେ କାଳବକ୍ଷରେ ଖୋଦିତ ହୋଇ ରହିବ,କାରଣ ସେହି ଦିନ ରାତ୍ରି ବାର ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମବେତ ଭାବରେ ବିନା ରକ୍ତପାତରେ ପରାଧୀନତାର ନିଗଡ଼ ଛିନ୍ନ କରି ସ୍ୱାଧିନତାର ପ୍ରଥମ ଆସ୍ୱାଦନ ଲାଭ କଲେ ।୧୯୪୨ ମସିହା ଅଗଷ୍ଟ ମାସରେ ମହାତ୍ମା ଗାନ୍ଧୀ 'ଇଂରେଜ ସରକାର ଭାରତ ଛାଡ଼' ବୋଲି ଡ଼ାକ ଦେଇ 'ଭାରତ ଛାଡ଼ ଆନ୍ଦୋଳନ' ନାମକ ଯେଉଁ ଗୌରବମୟ ବିପ୍ଳବ ର ଅୟମାରମ୍ଭ କରିଥିଲେ,ସେ ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଭୂଷିତ ହେଲା ୧୯୪୭ ମସିହା ଅଗଷ୍ଟ ମାସ ପଞ୍ଚଦଶ ଦିବସ ରାତ୍ର ୧୨ ଘଟିକା ସମୟରେ । ସେହିଦିନ ଠାରୁ ଅଦ୍ୟାବଧି ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ୧୫ ତାରିଖ ଭାରତ ର ସ୍ୱାଧିନତା ଦିବସ ରୂପେ ଭାରତ ର ଅଗଣିତ ଜନତା ଭକ୍ତି ଓ ସମ୍ମାନ ର ସହିତ ପରିପାଳନ କରିଆସୁଛନ୍ତି ।ସେହି ଦିବସରୁ ତୁଙ୍ଗ ଆକାଶରେ ଭାରତବର୍ଷର ଜୈତ୍ରକେତନ,ଚିତ୍ରଶୋଭିତ ତ୍ରିରଙ୍ଗା ଜାତୀୟ ପତାକା ବାୟୁହିଲ୍ଲୋଳରେ ଫରଫର୍ ହୋଇ ଉଡ୍ଡୀୟମାନ ହେଉଅଛି ।

ଅଗଣିତ ଦେଶପ୍ରେମୀଙ୍କ ସହଯୋଗ,ପ୍ରଚେଷ୍ଟା ଓ ବଳିଦାନ ବଳରେ ଆମେ ବହୁ ପ୍ରତୀକ୍ଷିତ ସ୍ୱାଧିନତା ପାଇଲୁ । ଭାରତର ସ୍ୱାଧିନତା ସଂଗ୍ରାମରେ ସତ୍ୟ ଓ ଅହିଂସା ର ପୂଜାରୀ ମହାତ୍ମା ଗାନ୍ଧୀ ଙ୍କ ଭୂମିକା ଅତୁଳନୀୟ ଓ ଅବିସ୍ମରଣୀୟ । ଗାନ୍ଧୀଜି ଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନ ହୋଇଥିଲା ।ଅସହଯୋଗର ଅର୍ଥ ହେଉଛି ଇଂରେଜ ସରକାରଙ୍କଠାରୁ ସବୁ କ୍ଷେତ୍ରରେ ସହଯୋଗ ପ୍ରତ୍ୟାହାର କରିନେବା ।ଗାନ୍ଧିଜୀ ହିଁ ଥିଲେ ଏହାର ମୁଖ୍ୟ ଯୋଜନାକାରୀ । ଇଂରେଜ ଅନୁଷ୍ଠାନ ଏବଂ ବିଦେଶୀ ଦ୍ରବ୍ୟ ବର୍ଜନ କରିବା ଥିଲା ଏହି ଅସହଯୋଗର ମୂଳନୀତି । ଏହା ଯଦି କାର୍ଯ୍ୟକାରୀ ହୋଇପାରିବ ତାହାଲେ ଇଂରେଜ ସରକାରଙ୍କ ଶାସନ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେବ ।ଏଥିସହିତ ଶାସନକାଳ ମଧ ଅଚଳ ହୋଇପଡିବ ।ପୁନଶ୍ଚ ବିଦେଶୀ ଦ୍ରବ୍ୟ ବର୍ଜନଦ୍ୱାରା ବ୍ରିଟିଶର ଅର୍ଥନୀତି ଧ୍ୱଂସାଭିମୁଖୀ ହୋଇପଡିବ । ଫଳରେ ଇଂରେଜମାନେ ଭାରତ ଛାଡିବାକୁ ବାଧ ହେବେ ।ଏହିପରି ରଣନୀତି ପ୍ରସ୍ତୁତ ହୋଇଥିଲା ।

ଭାରତର ସ୍ୱାଧୀନତା ସଂଗ୍ରାମ ଅନ୍ୟତମ ପ୍ରମୁଖ ଘଟଣା 'ଲବଣ ସତ୍ୟାଗ୍ରହ ' ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ଗୁଜରାଟ ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଗ୍ରାମ ଦାଣ୍ଡୀକୁ ପଦଯାତ୍ରା ସହ ଆରମ୍ଭ ହେଇଥିଲା । ଏହା ପରାଧୀନ ଭାରତରେ ବ୍ରିଟିଶ୍ ସରକାରଙ୍କ ଲବଣ ବ୍ୟବସାୟରେ ଏକଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଅହିଂସାପୂର୍ଣ୍ଣ ଆନ୍ଦୋଳନ ଥିଲା ।

ମୋହନଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମା ଗାନ୍ଧୀ) ଏହି ଆନ୍ଦୋଳନର ଆରମ୍ଭ କରି ମାର୍ଚ୍ଚ୧୨ ତାରିଖ ସକାଳ ୬:୩୦ରେ ୭୮ ଜଣ ଅନୁଗାମୀଙ୍କ ସହ ପ୍ରାୟ ୨୪୧ ମାଇଲ୍ (୩୯୦ କି.ମି.) ଦୂରରେ ଅବସ୍ଥିତ ଦାଣ୍ଡୀକୁ ଯାତ୍ରା ଆରମ୍ଭ କରିଥିଲେ । ୨୪ ଦିନ ଧରି ଚାଲିଥିବା ଏହି ପଦଯାତ୍ରାରେ କ୍ରମେ ସହସ୍ରାଧିକ ଦେଶବାସୀ ଗାନ୍ଧିଜୀଙ୍କ ସହ ଯୋଗ ଦେଇଥିଲେ ।

ଏହା ୧୯୩୦ ମସିହା ଅପ୍ରିଲ୍ ୫ ତାରିଖରେ ସମାପ୍ତ ହେଇଥିଲା । ଏହି ସତ୍ୟାଗ୍ରହରେ ଗାନ୍ଧିଜୀ ଓ ତାଙ୍କ ଅନୁଗାମୀ ମନେ ଦାଣ୍ଡୀ ସମୁଦ୍ର କୁଳରେ ଲୁଣ ମାରିଥିଲେ । ଏହି ସତ୍ୟାଗ୍ରହ ସମଗ୍ର ଭାରତବର୍ଷରେ ଲୋକମାନଙ୍କ ମଧରେ ଗଭୀର ଉତ୍ସାହ ଭରି ଦେଇଥିଲା ଓ ଦେଶର ଅନେକ ସ୍ଥାନରେ ବ୍ରିଟିଶ୍ ସରକରଙ୍କ ଲବଣ ଆଇନ ଭଙ୍ଗ କରାଯାଇଥିଲା । ଏହି ଲବଣ ସତ୍ୟାଗ୍ରହ ଓଡ଼ିଶାରେ ମଧ ହୋଇଥିଲା । ଓଡ଼ିଶା ର ବୀର ପୁତ୍ର ନେତାଜୀ ସୁବାଷ ଚ଼ନ୍ଦ୍ର ବୋଷଙ୍କ ସ୍ୱାଧିନତା ସଂଗ୍ରାମରେ ଭୂମିକା ଅତୁଳନୀୟ । ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସୁଭାଷଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା, ତେବେ ୧୯୩୧ରେ ଗାନ୍ଧୀ-ଇରୱିନ ଚୁକ୍ତି ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା । ୧୯୩୮ ମସିହାରେ ହରିପୁରା ଜାତୀୟ କଂଗ୍ରେସର ଅଧିବେଶନରେ ଗାନ୍ଧୀଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭିସୀତାରାମାୟାଙ୍କୁ ହରାଇ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ୧୯୩୯ରେ ସେ ପୁଣିଥରେ ସେହି ପଦବୀକୁ ନିର୍ବାଚିତ ହୋଇଥିଲେ । ୧୯୩୯ରେ ସେ ଫରୱାର୍ଡ଼ ବ୍ଲକ ନାମକ ଏକ ନୂତନ ଦଳ ଗଠନ କରିଥିଲେ । ସଶସ୍ତ୍ର ଆନ୍ଦୋଳନଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ । ସେ ଇଟାଲିର ଜନନାୟକ ଗାରିବାଲ୍ଡି ଓ ମାଜିନିଙ୍କଦ୍ୱାରା ଯଥେଷ୍ଟ ଅନୁପ୍ରାଣୀତ ହୋଇଥିଲେ । ସୁଭାଷଙ୍କର ଏହି ଉଗ୍ରନୀତି ଯୋଗୁଁ ବ୍ରିଟିଶ ସରକାର ତାଙ୍କୁ କଲିକତାଠାରେ ନଜରବନ୍ଦୀ ରୂପେ ରଖିଥିଲେ । ଭାରତର ସ୍ୱାଧୀନତା ପାଇଁ ଭାରତ ବାହାରେ ରହି ଯୁଦ୍ଧ କରିବା ପାଇଁ ୧୯୪୧ ଜାନୁଆରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ଥାନ ଓ ସୋଭିଏତ ଋଷ ମଧ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ । ଜର୍ମାନୀର ନାଜି ଶାସକ ହିଟଲରଙ୍କ ସହ ସାକ୍ଷାତ କରି ଭାରତର ସ୍ୱାଧୀନତା ହାସଲ ସମ୍ପର୍କରେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ । ବର୍ଲିନଠାରେ ଏକ ମୁକ୍ତ ଭାରତ କେନ୍ଦ୍ର ଉନ୍ମୋଚନ କଲେ ଓ ଜର୍ମାନୀ ମାଟିରେ ଫ୍ରି ଇଣ୍ଡିଆ ଆର୍ମି ଗଠନ କରିଥିଲେ । ସୁଦୂର ବର୍ଲିନରୁ ଆଜାଦ ହିନ୍ଦ ରେଡ଼ିଓ ମାଧମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ଆହ୍ୱାନରେ ସମସ୍ତଙ୍କୁ ଏକଜୁଟ କଲେ । ଏହିପରି ଆହୁରି ଦେଶପ୍ରେମୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ,ପଣ୍ଡିତ ଜବାହାର୍ ଲାଲ୍ ନେହେରୁ,ବାଳ ଗଙ୍ଗାଧର ତିଲକ, ପଣ୍ଡିତ ଗୋପବନ୍ଧୁ ଦାସ, ରମାଦେବୀ ଚୌଧୁରୀ,ବୀର ସୁରେନ୍ଦ୍ର ସାଏ,ଲକ୍ଷ୍ମଣ ନାୟକ,ବାଜି ରାଉତ ଆହୁରି ଅନେକ ଙ୍କର ସ୍ୱାଧିନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସ୍ୱାଧିନତା ସଂଗ୍ରାମରେ ପାଇକ ବିଦ୍ରୋହ ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ପାଇକ ବିଦ୍ରୋହ ଓଡ଼ିଶା ରେ ଖୋର୍ଦ୍ଧା ଠାରେ ଆରମ୍ଭ ହୋଇଥିଲା ।୧୮୦୩ରେ ଇଂରେଜମାନେ ଓଡ଼ିଶାକୁ ଅକ୍ତିଆର କରିବା ପରେ ଖୋର୍ଦ୍ଧା ରାଜାଙ୍କଠାରୁ କର ମାଗିଲେ ଓ ସେମାନଙ୍କ ବଶ୍ୟତା ସ୍ୱୀକାର କରିବାକୁ ଆଦେଶପତ୍ର ପଠାଇଲେ । ଏହା ତାଙ୍କର ସ୍ୱାଭିମାନକୁ ପ୍ରଚଣ୍ଡ ଆଘାତ ଦେଲା । 'ପଛେ ଜୀବନ ଦେଇ ଦେବା ଇଂରେଜଙ୍କ ଆଗରେ ମୁଣ୍ଡ ନୁଆଁଇବା ନାହିଁ' ବୋଲି କହି ସେ ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ନିଜ ସେନାବାହିନୀରେ ମିଶାଇଲେ ।ଓଡ଼ିଶାକୁ ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା କରିବାପାଇଁ ସେ ବରୁଣାଇ ଗଡ଼କୁ ସୁଦୃଢ଼ କରିଥିଲେ । ସେହିଠାରେ ବାସକରି ସେ ଖୋରଧା ଅଞ୍ଚଳରେ ପାଇକ ଜାଗରଣର ଚେଷ୍ଟା କରିଥିଲେ । ଗାଁକୁ ଗାଁ ପାଦରେ ଚାଲି ଚାଲି ସେ ପାଇକମାନଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ କରାଉଥିଲେ । ସେ ପାଇକ ଆଖଡ଼ାମାନଙ୍କରେ ନିଜ ସମର ଶିକ୍ଷା ଦେଉଥିଲେ । କୁହାଯାଏ ସେ ହିଁ ପ୍ରଥମେ ଇଂରେଜମାନଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ କୌଶଳ ଆରମ୍ଭ କରିଥିଲେ । ।ପରବର୍ତ୍ତୀ ସମୟରେ ଇଂରେଜ ମାନେ ଜୟୀ ରାଜଗୁରୁ ଙ୍କୁ ବନ୍ଦୀ କରାଇଲେ । ତା'ପରେ ୧୮୧୭ ମସିହାରେ ପାଇକ ବିଦ୍ରୋହ ର ଆରମ୍ଭ ହେଲା,ଏହାର ନେତୃତ୍ୱ ନେଇଥିଲେ ସଂଗ୍ରାମୀ ବୀର ବିପ୍ଳବୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ । ତାଙ୍କ ନେତୃତ୍ୱ ରେ ଅନେକ ପାଇକ ଯୋଦ୍ଧା ଫିରିଙ୍ଗି ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ ।ପରବର୍ତ୍ତୀ ସମୟରେ ପିଣ୍ଡିକି ବାହୁବଳେନ୍ଦ୍ର,ମାଧବ ଚ଼ନ୍ଦ୍ର ରାଉତରାୟ ପାଇକ ବିଦ୍ରୋହ ରେ ନିଜକୁ ନିୟୋଜିତ କରି ସଂଗ୍ରାମ କରିଥିଲେ ।ପରବର୍ତ୍ତୀ ସମୟରେ ଅର୍ଥାତ ୧୮୩୬ ମସିହାରେ ବାଣପୁର ପଲଟଣ ପଡ଼ିଆରେ ପାଇକ ବିଦ୍ରୋହ ର ନାୟକ ବିପ୍ଳବୀ କୃତ୍ତିବାସ ପାଟ୍ଟଶାଣୀ ଙ୍କ ନେତୃତ୍ୱ ରେ ଅନେକ ପାଇକ ଯୋଦ୍ଧା ସଶସ୍ତ୍ର ସଂଗ୍ରାମ କରିଥିଲେ ।ଏହି ସଂଗ୍ରାମରେ ବିପ୍ଳବୀ ପାଟ୍ଟଶାଣୀ ଇଂରେଜ ସେନାଧକ୍ଷ ବେଲସାହେବ ଙ୍କୁ ପରାସ୍ତ କରି ବାଣପୁର କୁ ୩ ଦିନ ସ୍ୱାଧିନତା ଦେଇଥିଲେ ।ପରବର୍ତ୍ତୀ ସମୟରେ କିଛି କୁଚ଼କ୍ରୀ ଗୋଷ୍ଠୀ ଇଂରେଜ ସହ ହାତ ମିଶାଇ ବିପ୍ଳବୀ ପାଟ୍ଟଶାଣୀ ଙ୍କୁ ଧରାଇଦେଲେ,ଏବଂ ଇଂରେଜ ମାନେ ବିପ୍ଳବୀ କୃତ୍ତିବାସ ପାଟ୍ଟଶାଣୀ ଙ୍କୁ ଆଣ୍ଡାମାନ ନେଇ ସେଠାରେ ବନ୍ଦୀ କରି ରଖିଲେ ।ସ୍ୱାଧିନତା ସଂଗ୍ରାମରେ ବିପ୍ଳବୀ ନେତା ପର୍ଶୁରାମ ହରିଚ଼ନ୍ଦନ ଙ୍କ ସମେତ ଆହୁରି ଅନେକ ଦେଶପ୍ରେମୀ ନିଜକୁ ନିୟୋଜିତ କରିଥିଲେ ।ଦେଶ କୁ ସ୍ୱାଧିନ କରିବା ପାଇଁ ସହଯୋଗ,ତ୍ୟାଗ ଓ ବଳିଦାନ ଦେଇଥିବା ସେହି ବୀର ମହାପୁରୁଷ ମାନଙ୍କୁ ଶତ ଶତ ପ୍ରଣାମ ।ସ୍ୱାଧିନତା ଦିବସ ଅବସରରେ ର ଭାରତ ବର୍ଷର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୟ ହିନ୍ଦ୍ । ଭାରତ ମାତା କି ଜୟ ।

+ ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮

# ଆମ ଭାରତୀୟ ସ୍ୱାଧିନତା ସଂଗ୍ରାମ

## ଅକ୍ଷୟ କୁମାର ରାଉତ

ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତର ରେ ହିମାଳୟ, ଦକ୍ଷିଣରେ ଭାରତ ମହାସାଗର, ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର , ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତ ର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ,ସଭ୍ୟତା ଓ ସଂକୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତରକୁ ପଶି ଆସିଲେ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ , ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା ।

ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତକୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍ , ପଲ୍ଲବ ,ଇଉଚି ,ହୁଣ, କୃଶାଣ , ଗୁର୍ଜ୍ଜର ଓ ତାତାର ମାନଙ୍କ ଦ୍ୱାରା , ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତକୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତ କୁ ଭଲପାଇ ଭାରତରେ ରହିଗଲେ ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ, ଓଲନ୍ଦାଜ , ଦିନାମାର , ଫରାସି ଓ ଇଂରେଜ ମାନେ , ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତ୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ , ନାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର , ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ, ବମ୍ବେ ଓ କଲିକଟ୍ ।

ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟି କୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ ।

ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ, ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍କାଶିମ୍‌କୁ ବଙ୍ଗଳାର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିରକାଶିମ୍‌ଙ୍କୁ ଆକ୍ରମଣ କଲେ । ମିର୍କାଶିମ୍ ପଳେଇ ଯାଇଁ ଅଯୋଧ୍ୟାର ନବାବ ସୁଜାଉଦ୍ଧୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମଙ୍କ ସାହାର୍ଯ୍ୟ ଲୋଡ଼ିଲେ । ତିନି ଶକ୍ତି ମାନଙ୍କ ବକ୍ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶ୍ୱରର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶ୍ୱର ଇଂରେଜ ମାନଙ୍କ ହାତକୁ ଗଲା ।

ଇଂରେଜମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ । ପାଇକ ମାନଙ୍କର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନ କୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହ କୁ ଦମନ କରି ଦେଲେ ।

ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ । ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁର ର ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମିବାଇ , ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ, ବାରାକପୁରଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସର କୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ ।




ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ ।

ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧ ରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପିଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତନ୍ତିଆ ଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ , ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି , ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରିଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣକୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ, ଦୂର୍ଦ୍ଦଶା , ଆପତି ଓ ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍‌ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନ ର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶାକୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ , ଆସାମକୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା । ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରିଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା ନ୍ତବନ୍ଦେ ମାତରମ'' ସଂଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ ନ୍ତବନ୍ଦେ ମାତରମ'' ନାରାବାଜି ଆରମ୍ଭ ହୋଇଗଲା । ନ୍ତବନ୍ଦେ ମାତରମ'' ଆନ୍ଦୋଳନ ର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର ନ୍ତସ୍ୱଦେଶୀ ଆନ୍ଦୋଳନ ବା ନ୍ତବନ୍ଦେ ମାତରମ'' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନ୍ତମୁସଲିମ୍ ଲିଗ୍''ର ପ୍ରଭାବ ନ୍ତବନ୍ଦେ ମାତରମ'' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍‌କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶାକୁ ଗୋଟିଏ ପ୍ରଦେଶ । ଆସାମକୁ ଗୋଟିଏ ପ୍ରଦେଶ ଓ ବଙ୍ଗଳାକୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଲକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାନ୍ତ "ହୋମ୍ ରୁଲ'' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାରଙ୍କ ଅତ୍ୟାଚାରରୁ ରକ୍ଷା କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର'' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶାକୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ ନ୍ତରାଓଲାଟ ଆଇନ୍' କୁ ଭାରତରେ ବିରୋଧ କରାଗଲା । ପାବର ଜାଲିଆନାୱାଲା ବାଗଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ, ପୁରୁଷ ଓ ଶିଶୁ ମିଶି ଦୁଇ ହଜାରରୁ ଅଧିକ ଲୋକ ମରିଗଲେ। ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାରଙ୍କୁ ତାଙ୍କର ନ୍ତନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍‌ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । 'ସ୍ୱରାଜଦଳ'ର ନେତା ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତରନ ଦାସ , ଜାତୀୟ କଂଗ୍ରେସ ର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ , ରାଜ ଗୋପାଳ ଚାରୀ, ମୌଲାନା ଆବୁଲ୍‌କାଲମ, ଅବଦୁଲ ଗଫୁର ଖାଁ, ଲାଲା ଲାଜପତ ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସ୍ୱାଧୀନତା ଦିବସର ଅନୁଚିନ୍ତା




ଡକ୍ଟର ଲକ୍ଷ୍ମଣ ସାହୁ


ବୈଦିକ କାଳରୁ ସନାତନ ଧର୍ମାନୁସାରେ ଆମେ ଆମର ପୂଜାପାଠ , ଧର୍ମ ଭାବନା, ଉପାସନା , ଚିନ୍ତା ମୂଳକ କାର୍ଯ୍ୟ ସବୁ କରିଆସୁଛେ, ଏଥିରେ କେହି ଦ୍ୱିମତ ହେବେ ନାହଁ । ସ୍ୱାଧୀନତାର ଅର୍ଥ ସ୍ୱାଧୀନତା ନୁହେଁ, କିନ୍ତୁ ଜଣେ ବ୍ୟକ୍ତିର ଜୀବନ ଶାସ୍ତ୍ର ଦ୍ୱାରା ନିରଙ୍କୁଶ ଭାବେ ଶୃଙ୍ଖଳିତ ହେବା ଉଚିତ୍ । ବିଭିନ୍ନ ସାଧୁମାନେ ସେମାନଙ୍କ ଶାସ୍ତ୍ରରେ ଅନୁଶାସନ ଶବ୍ଦ ବ୍ୟବହାର କରିଛନ୍ତି । ଯେପରି ପତଞ୍ଜଳିଙ୍କ ଯୋଗଶାସ୍ତ୍ର ଅର୍ଥ 'ଯୋଗାନୁଶାସନମ' ରୁ ଆରମ୍ଭ ହୁଏ । ସେହି ଅନୁଶାସନ ଜଣେ ବ୍ୟକ୍ତିର ମନ, ବକ୍ତବ୍ୟ ଓ କାର୍ଯ୍ୟ ସହିତ ଜଡିତ । ଯାହାଫଳରେ ସେ ନିଜ ସହିତ ସମାଜକୁ ଉନ୍ନତ କରିପାରିବେ ।

ଭାରତ ଏକ ପବିତ୍ର ଦେଶ । ମହାନ ସମ୍ରାଟ ଅଶୋକ ତାଙ୍କର ଗୋଟିଏ ଲେଖାରେ ଜମ୍ବୁ ଦୀପ ନାମରେ ତାଙ୍କ ରାଜ୍ୟ ବୋଲି କହିଛନ୍ତି । ଆଜି ମଧ ଧାର୍ମିକ କାର୍ଯ୍ୟରେ ସଂକଳ୍ପ ନେବାବେଳେ ଜମ୍ବୁ ଦୀପ, ଭାରତବର୍ଷ ଓ ବୌଦ୍ଧାତାର କଥା କୁହାଯାଏ । ଏହା କୁହାଯାଇପାରେ ଯେ ଆମର ସଂସ୍କୃତି ଓ ସଭ୍ୟତା ପଛରେ ବିଗତ ଯୁଗରେ ଏକ ଭୌଗୋଳିକ ପୃଷ୍ଠଭୂମି ରହିଆସିଛି । 'ବାୟୁ ପୁରାଣ' ରେ ଉଲ୍ଲେଖ ଅଛି ଯେ ଭରତ ଦୁଶନ୍ତ ଓ ଶକୁନ୍ତଳାଙ୍କ ଔରସରୁ ଜନ୍ମ ହୋଇଥିଲେ ଏବଂ ଏହି ଦେଶ ଭରତଙ୍କ ନାମରେ ଭାରତ ହେଲା । ମହାକବି କାଳିଦାସ ' ଅଭିଜ୍ଞାନ ଶକୁନ୍ତଳା' ରେ ଲେଖିଛନ୍ତି ଯେ ମହାରାଣୀ ଶକୁନ୍ତଳାଙ୍କ ପୁଅ ଭରତ ନାମରେ ପ୍ରସିଦ୍ଧ ହେବେ ଓ ଏହି ଦେଶକୁ କେବଳ ତାଙ୍କରି ଭାରତ ନାମରେ ନାମିତ କରାଯିବ । ଭାରତ ଶବ୍ଦ ମଧ ଭାରତୀୟ ସମ୍ବିଧାନର ପ୍ରଥମ ଧାରାରେ ଉଲ୍ଲେଖ ରହିଛି । ସେଥିପାଇଁ ଆମ ଦେଶକୁ ଭାରତ ବୋଲି କହିବା ଠିକ୍, ଯାହା ଅତି ପ୍ରାଚୀନ ଅଟେ ।

ବେଦ ସହିତ ସାଧାରଣ ଜନତାଙ୍କ ପାରମ୍ପାରିକ ରୀତିନୀତି, ନୈତିକତା ଦ୍ୱାରା ବନ୍ଧା ହୋଇରହିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ସାଧାରଣ ଆବଶ୍ୟକତାର ସୁରକ୍ଷା ପାଇଁ ଏକତାର ସୂତ୍ରରେ ପରସ୍ପର ମଧ୍ୟରେ ବାନ୍ଧି ହୋଇ ରହିବାକୁ ବହୁତ ଚେଷ୍ଟା କରିଛନ୍ତି । ଏତେ ମହାନ ତଥା ଉତ୍କୃଷ୍ଟ ଦାର୍ଶନିକ ନୀତି ସତ୍ତ୍ୱେ ଅଧିକାଂଶ ଲୋକ ଅଜ୍ଞ ଅଛନ୍ତି । ନିଷ୍ଠୁର ବିଦେଶୀମାନଙ୍କ ଆକ୍ରମଣ ଦ୍ୱାରା ରାଜନୈତିକ ପ୍ରାଧାନ୍ୟ ସ୍ଥାପିତ ହୋଇଛି । ଅନେକ ଶତାବ୍ଦୀ ଧରି ଆମର ଇତିହାସ ବେଦ ଉପରେ ନିର୍ଭରଶୀଳତା ଥିଲା । ଏକ ବିଶ୍ୱାସ ଓ ତର୍କ ବିତର୍କ ମଧ୍ୟରେ ଅନୁଭବ କରି ହେବ ଯେ ଅତୀତରେ ଯାହା ଥିଲା ତାହା ସର୍ବୋତ୍ତମ ଥିଲା । ଅତୀତ ପ୍ରତି ଏକ ବିଲକ୍ଷଣ ମୋହ ଯାଦୁକରୀ ଆତ୍ମା ? ?ସର୍ବଦା ଏଠାରେ ରହିଆସିଛି । ବାସ୍ତବରେ ଆମର ଉଦ୍ଦେଶ୍ୟ ବେଦକୁ ଫେରିବା ଉଚିତ୍ ନୁହେଁ, ବରଂ ବେଦ ସହିତ ଆଗକୁ ବଢିବା ଉଚିତ୍ । ବେଦ ତଥା ଆପ୍ତ ବଚନ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଆମେ ଚିନ୍ତାଧାରାର ସ୍ୱାଧୀନତାକୁ ନିନ୍ଦା କରିବା ଉଚିତ୍ ନୁହେଁ । କାରଣ ବୈଦିକ ସଂସ୍କୃତି କୌଣସି ଗୋଟିଏ ପୁସ୍ତକ କିମ୍ବା କୌଣସି ବିଧିବଦ୍ଧ ବିଚାରର ଧାର ଧାରଣା ଉପରେ ଆଧାରିତ ନୁହେଁ ।

ପ୍ରାଚୀନ ରାଜନୈତିକ ଶାସ୍ତ୍ରରେ ରାଜ୍ୟର ଅନୁଶାସନ ପାଇଁ ସାତୋଟି ଅଂଶ ଶାସକ, ମନ୍ତ୍ରୀ, ରାଜ୍ୟର ଜମି ବିଷୟ , ରାଜଧାନୀ ଟ୍ରେଜେରୀ, ସେନା ତଥା ବନ୍ଧୁମାନଙ୍କ ଉପରେ କୁହାଯାଇଛି । ଶୁକ୍ରନୀତିସାରରେ ମଧ ଏସଂପର୍କରେ ଉଲ୍ଲେଖ ଅଛି । ରାଜ୍ୟର ସାତୋଟି ଅଂଶକୁ ଶରୀରର ଅଙ୍ଗ ସହିତ ତୁଳନା କରାଯାଇଛି । ତାଙ୍କ ମତ ଅନୁଯାୟୀ ଶାସକ ହେଉଛନ୍ତି ରାଜ୍ୟର ମୁଖ୍ୟ । ମନ୍ତ୍ରୀମାନେ ଆଖି । ବନ୍ଧୁ ହେଉଛି କାନ, ଧନ ହେଉଛି ପାଟି । ସେନା ହେଉଛି ମନ । ରାଜଧାନୀ ଓ ରାଷ୍ଟ୍ର ହେଉଛି ହାତ ଏବଂ ପାଦ । କାମନ୍ଦକ ଲେଖିଛନ୍ତି ଯେ ସମସ୍ତ ସାତୋଟି ଅଙ୍ଗ ପରସ୍ପରକୁ ପୂର୍ଣ୍ଣ କରନ୍ତି । ଯଦି ଗୋଟିଏ ଅଙ୍ଗ ତ୍ରୁଟିପୂର୍ଣ୍ଣ ଅଥାର୍ଥ ଅକାମୀ ହୁଏ , ତେବେ ରାଜ୍ୟ ସଠିକ୍ ଭାବରେ ଚାଲିପାରିବ ନାହିଁ । ରାଜ୍ୟର ଚାରୋଟି ମୁଖ୍ୟ ଉପାଦାନ ମଧ ମାଲିକ, ଶାସନ ବ୍ୟବସ୍ଥା, ସ୍ଥିର ଜମି ଓ ଜନସଂଖ୍ୟା ।

ସ୍ୱାଧୀନତା ହେଉଛି ଶାସ୍ତ୍ରୀୟ ନିୟନ୍ତ୍ରଣର ନିର୍ଦ୍ଧାରିତ ନୀତି । ଭାରତର ସମ୍ବିଧାନ ସହିତ ବୈଦିକ ସନାତନ ପରମ୍ପରା ଦୃଢ଼ତାର ସହ ସଂଯୋଗ ରହିବା ଆବଶ୍ୟକ । ଧର୍ମସୂତ୍ର , ସ୍ମୃତି ବର୍ଣ୍ଣ ଓ ଆଶ୍ରମର ଧର୍ମ (କର୍ତ୍ତବ୍ୟ) ରୁ ଆରମ୍ଭ ହୁଏ । ସେମାନେ ସମାଜକୁ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ଗୁଣ ବିଷୟରେ ଶିକ୍ଷା ଦିଅନ୍ତି । ମଣିଷ ପାଇଁ ମଣିଷ ହେବାର ଅର୍ଥ ବ୍ୟାଖ୍ୟା କରନ୍ତି । ତା'ଙ୍କୁ ଆଭ୍ୟନ୍ତରୀଣ ଆନ୍ତରିକ ସ୍ୱାଧୀନତା ଦେଇଥାଏ । ଏହି ସ୍ୱାଧୀନତା ତା'ଙ୍କୁ ମୁକ୍ତ-ଆତ୍ମା ? ?ନୁହେଁ ବରଂ ଶାସ୍ତ୍ର ଦ୍ୱାରା ନିୟନ୍ତ୍ରିତ କରେ । ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଆଜାଦ୍ ମେମୋରିଆଲ୍ ଲେକଚର୍ସ ଇଣ୍ଡିଆ - ଆଜି ଓ ଆସନ୍ତାକାଲି ( ୧୯୫୬) ରେ କହିଛନ୍ତି - 'ଆମେ ଅଧିକାର ଓ ସମ୍ପତ୍ତି ବିଷୟରେ ଆଲୋଚନା କରୁଛେ, ବରଂ ସେମାନଙ୍କୁ ଦାବି କର । କିନ୍ତୁ ଆଗରୁ ପ୍ରାଚୀନ ଧର୍ମ , ଶିକ୍ଷା , କର୍ତ୍ତବ୍ୟ ପାଳନ ବିଷୟରେ ଥିଲା , କର୍ତ୍ତବ୍ୟ ଗୁଡିକ ଅନୁସରଣ କରି କାର୍ଯ୍ୟ କର ।'

ଧର୍ମଶାସ୍ତ୍ର ଇତିହାସ ଲେଖକ ଭରତ ରତ୍ନ ଡକ୍ଟର ପାଣ୍ଡୁରଙ୍ଗ ଭମାନ କେନ ଲେଖିଛନ୍ତି ଯେ, ଭାରତର ସମ୍ବିଧାନ ଏପରି ଭାବରେ ଲେଖାଯିବା ଉଚିତ ଯେ ଲୋକମାନଙ୍କ ମଧ୍ୟରେ ରାଜ୍ୟ ଉଚ୍ଚ ନୈତିକତା, ଆତ୍ମ-ସଂଯମତା, ଭାବନାକୁ ବିକଶିତ କରିବା ଉଚିତ । କାର୍ଯ୍ୟ, ଦାୟିତ୍ୱ , ଦୟା ଓ ଉଚ୍ଚ ପ୍ରୟାସ ପାଇଁ ଉତ୍ସ ସଂଗ୍ରହ କରିବା ଜରୁରୀ ଆବଶ୍ୟକ । ମଣିଷ ଅନେକ ପ୍ରାଣୀଙ୍କ ପରି ଏକ ସାମାଜିକ ପ୍ରାଣୀ । କେବଳ ଶାରୀରିକ ଆବଶ୍ୟକତା ପୂରଣ କରିବା ଯଥେଷ୍ଟ ନୁହେଁ । ମଣିଷମାନଙ୍କର ବୌଦ୍ଧିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ଆକାଂକ୍ଷା ମଧ ଥାଏ । ଭବିଷ୍ୟତର ସାମାଜିକ ଓ ଅର୍ଥନୈତିକ ଢାଞ୍ଚା ଆମ ପରମ୍ପରାର ସର୍ବୋତ୍ତମ ଅଂଶ ଉପରେ ଆଧାରିତ ହେବା ଆବଶ୍ୟକ । ଧର୍ମର ନିୟମ ହେଉଛି କର୍ତ୍ତବ୍ୟ ଯାହା ସମସ୍ତଙ୍କ ପାଇଁ ସମାନ । ମନୁ ଏହି ଦାୟିତ୍ୱ ବୋଧ କର୍ତ୍ତବ୍ୟକୁ ଅହିଂସା, ସତ୍ୟ, ଅସତ୍ୟ ଓ ସଦାଚାର ବୋଲି କହିଛନ୍ତି । ଯାହା ସମସ୍ତ ଜାତି , ବର୍ଣ୍ଣ ଓ ଶ୍ରେଣୀର ଲୋକଙ୍କ ପାଇଁ ବାଧ୍ୟତାମୂଳକ ଧର୍ମ ଅଟେ । ଧର୍ମନିରପେକ୍ଷ ରାଜ୍ୟ କହିବାର ଅର୍ଥ ନୁହେଁ ଯେ ରାଜ୍ୟ ଈଶ୍ୱରହୀନ କିମ୍ବା ଏହା ନୈତିକ ଓ ଆଧ୍ୟାତ୍ମିକ ଜୀବନ ମୂଲ୍ୟ ସହିତ ଜଡିତ ନୁହେଁ । ପଣ୍ଡିତ ଜବାହର ଲାଲ ନେହେରୁ ଏସଂପର୍କରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଧର୍ମ ଆବଶ୍ୟକ କି ନୁହେଁ, ଆମ ଜୀବନକୁ କିଛି ଉପାଦାନ କିମ୍ବା ମହତ୍ତ୍ୱରେ ପୂର୍ଣ୍ଣ କରିବା ଓ ଆମକୁ ଏକତ୍ର ସୂତ୍ରରେ ବାନ୍ଧିବା ପାଇଁ ଆମକୁ କିଛି ଉପଯୁକ୍ତ ଆଦର୍ଶ ଉପରେ ବିଶ୍ୱାସ ରଖିବା ଆବଶ୍ୟକ । ବିଶେଷ କରି ଶାରୀରିକ ଚାହିଦା ଉପରେ ଜ୍ଞାନ ଥିବା ଆବଶ୍ୟକ । ଅଧିକାଂଶଙ୍କ ପାଇଁ ଧର୍ମ ହେଉଛି ଏକ ଉପାଦାନ , ଯାହା ସଠିକ୍ ଆଦର୍ଶ ଆଣିଥାଏ । ତେଣୁ ସ୍ୱାଧୀନତା ଦିବସରେ ଏଦିଗରେ ଚିନ୍ତା କରିବାର ସମୟ ଆସିଛି । ସ୍ୱାଧୀନତାର ୭୭ ବର୍ଷ ପରେ, ଚିନ୍ତା କରିବାର ଆବଶ୍ୟକତା ଅଛି ଯେ ଏତେ ବର୍ଷର ସ୍ୱାଧୀନତା ପରେ ଭାରତ ଆଧ୍ୟାତ୍ମିକତା କ୍ଷେତ୍ରରେ କୌଣସି ଅଗ୍ରଗତି କରିଛି କି ? ଏହି ପ୍ରକାର ଅନୁଭବ ସାଧାରଣ ଜନତାଙ୍କ ମନରେ ଜାଗ୍ରତ ହୋଇପାରିଛି କି ? ? ଦେଶ ସେବା କରିବା ହେଉଛି ସବୁଠାରୁ ବଡ କର୍ତ୍ତବ୍ୟ ? ବିଭିନ୍ନ ଜାତି ଓ ରାଷ୍ଟ୍ର ମଧ୍ୟରେ ଭାବପ୍ରବଣତାର ଏକ ଦୃଶ୍ୟମାନ ଚିହ୍ନ ଅଛି କି ? ? ? ଏଥିପାଇଁ କୌଣସି ଭରସା ଅଛି ନା ସମଗ୍ର ବିଶ୍ୱ ବିନାଶର ପଥରେ ଅଛି ? ନୈତିକତା ମାଧ୍ୟମରେ ଧନ-ସଂପଦ ମଧ ମିଳିପାରିବ କି ? ଯେବେ ବି ସ୍ୱତନ୍ତ୍ରତା ଦିବସ ଆସେ, ଆମେ ଏ ବିଷୟରେ ସେତେ ଅଧିକ ଚିନ୍ତା କରିବା ଆବଶ୍ୟକ... ! ! !


+ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪୭୫


# ତ୍ରିରଙ୍ଗା ପତାକା: ଜାତୀୟ ଏକତା ଓ ଐତିହ୍ୟର ପ୍ରତୀକ




ଶ୍ରୀବସ୍ତ ନାୟକ


ପ୍ରତ୍ୟେକ ରାଷ୍ଟ୍ରର ପ୍ରତିନିଧିତ୍ୱ କରିବାକୁ ଏକ ପତାକା ଅଛି । ସେହିପରି ପୃଥିବୀର ବୃହତ୍ତମ ସର୍ବଧର୍ମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଜାତୀୟ ପତାକା, 'ତ୍ରିରଙ୍ଗା ପତାକା' ଯାହା ଭାରତକୁ ପ୍ରତିନିଧିତ୍ୱ କରେ । ଏହା ଆମକୁ ସ୍ୱାଧୀନତା, ସ୍ୱାବଲମ୍ବନ, ସମାନତା, ସ୍ୱାଧୀନତା, ସାର୍ବଭୌମତ୍ୱ, ସମ୍ମାନ, ସ୍ୱଦେଶୀ ର ସନ୍ଦେଶ ଦେଇଆସିଛି । ଏହି ପତାକା କେବଳ ସାଧାରଣ କପଡ଼ା ନିର୍ମିତ ନୁହେଁ । ଏହା ହେଉଛି ଏକ ଜାତିର ପ୍ରତୀକ ଯାହା ସ୍ୱାଧୀନତା ଏବଂ ସାର୍ବଭମତ୍ୱ ପାଇଁ ଛିଡା ହୋଇଛି । ଆମର ପତାକା, 'ତିରଙ୍ଗା' କେବଳ ଆମର ଗର୍ବ କିମ୍ବା ରାଜନୈତିକ ଚିନ୍ତାଧାରାର ପ୍ରତିନିଧିତ୍ୱ ନୁହେଁ ବରଂ ସମ୍ପୂର୍ଣ୍ଣ ଭାରତ କୁ ପ୍ରତିନିଧିତ୍ୱ କରୁଥିବା ଏକ ସଂକେତ । ସେ ଧର୍ମ ନିରପେକ୍ଷତା ରେ ବାର୍ତ୍ତା ବହ ।ଆମ ରାଷ୍ଟ୍ରର ଆତ୍ମା । ଆମ ଜାତୀୟ ଗରିମାର ଗାଥା । ଭାରତର ଅସ୍ମିତା,ଅଭିମାନ ଓ ସ୍ୱାଭିମାନ । ଏକ ମୁକ୍ତ ରାଷ୍ଟ୍ର ଭାବରେ ଆମର ଏକତା,ଐତିହ୍ୟ ଏବଂ ଆକାଂକ୍ଷାର ପ୍ରତୀକ ଅଟେ । ଆମ ତ୍ରିରଙ୍ଗା ପାଇଁ ଏହିଭଳି ଯେତେ କହିଲେ ମଧ କମ୍ ପଡ଼ିଯିବ । ପତାକା ହେଉଛି ଏକ ଜାତିର ଇତିହାସ । ଆମର ଜାତୀୟ ପତାକାର ଏକ ଦୀର୍ଘ ଐତିହାସିକ ଯାତ୍ରା ଥିଲା ଯାହା ମାଧ୍ୟମରେ ଏହା ବର୍ତ୍ତମାନର ରୂପରେ ପରିଣତ ହୋଇଛି ।

ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରାରମ୍ଭିକ ପର୍ଯ୍ୟାୟରେ, ଭାରତୀୟଙ୍କ ପ୍ରତିନିଧିତ୍ୱ କରିବାକୁ କୌଣସି ପତାକା ନଥିଲା । ପତାକା ର ଧାରଣା ପ୍ରଥମେ ବଙ୍ଗଳା ବିଭାଜନ ସମୟରେ ଉଭା ହୋଇଥିଲା । ବିଭାଜନ ଏବଂ ନିୟମ ର ବ୍ରିଟିଶ ରାଜନୈତିକ ତତ୍ତ୍ୱ କୁ କାର୍ଯ୍ୟକାରୀ କରିବା ପାଇଁ ୧୯ ଜୁଲାଇ ୧୯୦୫ ରେ ବଙ୍ଗଳା ବିଭାଜନ ଘୋଷିତ ହୋଇଥିଲା । ଭାରତୀୟ ଜାତୀୟ ଆକାଂକ୍ଷାକୁ ଦୁର୍ବଳ କରିବା ପାଇଁ ବଙ୍ଗୀୟମାନେ ଏହି ସାମ୍ପ୍ରଦାୟିକ ଷଡଯନ୍ତ୍ରକୁ ତୀବ୍ର ବିରୋଧ କରିଥିଲେ । ସମଗ୍ର ଦେଶରେ ଭାରତୀୟ ନେତା ତଥା ଜାତୀୟତାବାଦୀମାନେ ମଧ ବଙ୍ଗଳା କାରଣକୁ ସମର୍ଥନ କରିଥିଲେ ଏବଂ ଖୁବ୍ ଶୀଘ୍ର ଏହି ବିରୋଧ ଏକ ମୂଳ ରୂପ ନେଇଥିଲା । ଏହି ପ୍ରତିବାଦ ମଧ୍ୟରେ ରିପନ୍ କଲେଜର ସଚ୍ଚିନ୍ଦ୍ର ପ୍ରସାଦ ବୋଷ ନାମକ ଜଣେ ଯୁବ ଛାତ୍ର, ହେମଚନ୍ଦ୍ର ଦାସ କାନୁନଗୋ ନାମକ ଅନ୍ୟ ଏକ ବଙ୍ଗୀୟ ଙ୍କ ସହିତ ମିଳିତ ହୋଇ ସମାନ ଓସାରର ତିନିଟି ଭୂସମାନ୍ତର ବ୍ୟାଣ୍ଡ ସହିତ କମଳା, ହଳଦିଆ ଏବଂ ସବୁଜ ରଙ୍ଗର ପତାକା ପ୍ରସ୍ତୁତ କରିଥିଲେ ଏବଂ ସେଥିରେ ଦେବନଗରୀ ଭାଷାରେ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେ ମାତରଂ ଲେଖିଥିଲେ । କଲିକତା ପତାକା ନାମରେ ଜଣାଶୁଣା ଏହି ପତାକା ପ୍ରଥମଥର ପାଇଁ ଭାରତୀୟ ମାନଙ୍କୁ ପତାକା ତଳେ ଏକତ୍ର କରିଥିଲା ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ ୧୯୧୧ ମସିହାରେ ବଙ୍ଗଳା ପୁନର୍ବାର ମିଳିତ ହୋଇ ବିଭାଜନକୁ ଓଲଟାଇଲା ଫଳରେ ଧୀରେ ଧୀରେ କଲିକତା ପତାକା ସର୍ବସାଧାରଣ ସ୍ମୃତିରୁ ଲିଭାଗଲା । ଭାରତ ରାଷ୍ଟ୍ରକୁ ନିଜର ପତାକା ଯୋଗାଇବା ପାଇଁ ଦ୍ୱିତୀୟ ପ୍ରୟାସ ୧୯୦୭ ମସିହାରେ ଜର୍ମାନୀରେ କରାଯାଇଥିଲା । ହେମଚନ୍ଦ୍ର ଦାସ କାନୁନଗୋ ନିର୍ବାସିତ ଋଷ ବିପ୍ଳବୀଙ୍କଠାରୁ ବୋମା ସଂଗ୍ରହ କରିବାର କୌଶଳ ଶିଖିବାକୁ ପ୍ୟାରିସ ଯାଇଥିଲେ । ସେଠାରେ ରହିବା ସମୟରେ ସେ ଜର୍ମାନୀରେ ଦ୍ୱିତୀୟ ସମାଜବାଦୀ କଂଗ୍ରେସରେ ଯୋଗଦେବାକୁ ଯାଉଥିବା ମ୍ୟାଡାମ ଭିକାଜୀ କାମାଙ୍କୁ ଭେଟିଥିଲେ । ମ୍ୟାଡାମ୍ କାମା ଏବଂ ହେମଚନ୍ଦ୍ର ଦାସ ମିଳିତ ଭାବରେ କଲିକତା ପତାକା ସଂଶୋଧନ କରିଥିଲେ ଏବଂ ସମାନ ପ୍ରସ୍ଥର ତିନୋଟି ଭୂସମାନ୍ତର ବ୍ୟାଣ୍ଡ ସହିତ ସବୁଜ, ହଳଦିଆ ଏବଂ ନାଲି ରଙ୍ଗର ଏକ ନୂତନ ପତାକା ଡିଜାଇନ୍ କରିଥିଲେ । ରଙ୍ଗଗୁଡ଼ିକ ଯଥାକ୍ରମେ ଇସଲାମ, ହିନ୍ଦୁ ଧର୍ମ ଏବଂ ବୌଦ୍ଧ ଧର୍ମକୁ ପ୍ରତିପାଦିତ କରେ । ପତାକା ରେ ଥିବା ଆଠଟି ପଦ୍ମ ବ୍ରିଟିଶ ଭାରତର ଆଠଟି ପ୍ରଦେଶକୁ ପ୍ରତିନିଧିତ୍ୱ କରୁଥିଲା । ଅଗଷ୍ଟ ୨୨,୧୯୦୭ ମସିହାରେ ବ୍ରିଟିଶମାନେ ଭାରତରେ ଦୁର୍ଭିକ୍ଷର ଅବ୍ୟବସ୍ଥାକୁ ବର୍ଣ୍ଣନା କରିଥିଲେ ଏବଂ ବ୍ରିଟିଶ ନିୟମରୁ ମାନବିକ ଅଧିକାର, ସମାନତା ଏବଂ ସ୍ୱଧୀନତା ପାଇଁ ଆବେଦନ କରିଥିଲେ । ସେହି ସ୍ଥାନରେ ମ୍ୟାଡାମ କାମା ମଧ ଭାରତୀୟଙ୍କ ପାଇଁ ପତାକା ଉତ୍ତୋଳନ କରି ତାକୁ ଭାରତର ସ୍ୱାଧୀନତା ପତାକା ର ଆଖ୍ୟା ଦେଇଥିଲେ । ୧୯୧୭ ମସିହାରେ ଗୃହ ନିୟମ ଆନ୍ଦୋଳନ ଶିଖରରେ ଥିଲା । ଏହି ଆନ୍ଦୋଳନର ନେତା ବାଲ ଗଙ୍ଗାଧର ତିଲକ ଏବଂ ଆନି ବେସାନ୍ତ ଙ୍କୁ ବ୍ରିଟିଶମାନେ ଗିରଫ କରିଥିଲେ । ଆନି ବେସାନ୍ତ ଙ୍କୁ ଓଟିର ବିର୍ଲା ହାଉସରେ ତିନି ମାସରୁ ଅଧିକ ସମୟ ଧରି ଗିରଫ କରାଯାଇଥିଲା । ଗୃହ ଗିରଫ ସମୟରେ ବେସାନ୍ତ ଏକ ଜାତୀୟ ପତାକା ପରିକଳ୍ପନା କରି ଏହାକୁ ବିର୍ଲା ହାଉସ୍ ପରିସରରେ ଉତ୍ତୋଳନ କରିଥିଲେ କିନ୍ତୁ ଅନିବେସାନ୍ତ ଙ୍କ ପତାକା ରେ ଜ୍ୟାକ୍ ର ପ୍ରତିଛବି ଥିବାରୁ ପରବର୍ତ୍ତୀ ସମୟରେ ଭାରତୀୟ ମାନେ ଏହି ପତାକା କୁ ଗ୍ରହଣ କରିନଥିଲେ । ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଦକ୍ଷିଣ ଆଫ୍ରିକାରେ ରହିବା ସମୟରେ ପିଙ୍ଗାଲୀ ଭେଙ୍କୟା ନାମକ ଭାରତୀୟ ଯୁବକ ପ୍ରଥମେ ଭାରତୀୟଙ୍କ ପାଇଁ ଜାତୀୟ ପତାକାର ଆବଶ୍ୟକତା ଅନୁଭବ କରିଥିଲେ । ସେଠୁ ଫେରିବା ପରେ ସେ କୋଲକାତାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ଏବଂ କଂଗ୍ରେସ ଅଧିବେଶନରେ ବ୍ରିଟିଶ ଜାତୀୟ ପତାକା ଉତ୍ତୋଳନ କରିବାର ଧାରଣାକୁ ବିରୋଧ କରି ପରବର୍ତ୍ତୀ ସମୟରେ ପିଙ୍ଗାଲି ଏକ ଭାରତୀୟ ଜାତୀୟ ପତାକା ଉପରେ କାମ କରିବା ଆରମ୍ଭ କରିଥିଲେ । ଭାରତୀୟ ସଂସ୍କୃତି, ଐତିହ୍ୟ ଏବଂ ଇତିହାସ କୁ ଆଧାର କରି ପ୍ରାୟ ୨୫ ଟି ବିଭିନ୍ନ ଡ୍ରାଫ୍ଟ ପତାକା ଡିଜାଇନ୍ କରିଥିଲେ । ୧୯୨୧ ମସିହାରେ ବିଜୟୱାଡା ଠାରେ ଏ.ଆଇ.ସି.ସି ଅଧିବେଶନରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କୁ ଭାରତୀୟ ପତାକାର ଡ୍ରାଫ୍ଟ ଗୁଡ଼ିକ ଦେଖାଇଥିଲେ । ସବୁଜ ଏବଂ ନାଲି ରଙ୍ଗ ଦେଶରେ ହିନ୍ଦୁ-ମୁସଲମାନ ଏକତାର ପ୍ରତିନିଧିତ୍ୱ କରିବ ବୋଲି ଅନୁଭବ କରି ପିଙ୍ଗୟା



ତନ୍ମଧ୍ୟରୁ ସବୁଜ ଓ ନାଲି ବ୍ୟାଣ୍ଡ ସହିତ ଚରଖା ଥିବା ପତାକା ଟିକୁ ଗ୍ରହଣ କରିବାକୁ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ମହାତ୍ମା ଗାନ୍ଧୀ ଦେଶର ଅନ୍ୟ ଧର୍ମ ଏବଂ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରିବାକୁ ମନେ କରି ସବୁଜ ଓ ନାଲି ସହ ଧଳା ବ୍ୟାଣ୍ଡ ଯୋଡିବାକୁ ପରାମର୍ଶ ଦେଇଥିଲେ । ଏହି ପତାକା ଭାରତୀୟ ସ୍ୱାଧୀନତା ସଂଗ୍ରାମ ଯଥା ଲବଣ ସତ୍ୟାଗ୍ରହ, ଲାହୋର କଂଗ୍ରେସ ଅଧିବେଶନ, ଭାରତ ଛାଡ଼ ଆନ୍ଦୋଳନରେ ଭାରତର ପ୍ରତୀକ ସ୍ୱରୂପ ବ୍ୟବହୃତ ହୋଇଥିଲା । ୧୯୩୧ର କଂଗ୍ରେସ ଅଧିବେଶନରେ ଗଠିତ ହୋଇଥିବା କମିଟି ର ସୁପାରିଶ କ୍ରମେ ପତାକାର ସାମାନ୍ୟତମ ପରିବର୍ତ୍ତନ ଘଟି ଏହାର ରଙ୍ଗ କେଶରୀ,ଧଳା ଓ ସବୁଜ ହୋଇଥିଲା । ତେବେ ଏହି ପତାକା ଟି କଂଗ୍ରେସ ଦଳର ସରକାରୀ ପତାକା ସଦୃଶ ହୋଇଥିବାରୁ,ଏକ ରାଜନୈତିକ ଦଳର ପତାକା କିପରି ଏକ ମୁକ୍ତ,ସାର୍ବଭୌମ ଦେଶର ପତାକା ହେବ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହେଲା । ସେହି ସମୟରେ ସବୁଠାରୁ ଶକ୍ତିଶାଳୀ ରାଜନୈତିକ ବ୍ୟକ୍ତି ପଣ୍ଡିତ ନେହେରୁ ମଧ ବିରୋଧୀଙ୍କ ସହ ସହମତ ହୋଇଥିଲେ ଏବଂ ସେ ଯୁବ ଅମଲାତନ୍ତ୍ରଙ୍କୁ ସ୍ୱାଧୀନତା ସଂଗ୍ରାମୀ ବଦରୁଦ୍ଦିନ ତାୟାବଜୀଙ୍କୁ ଯଥାଶୀଘ୍ର ଏକ ନୂତନ ଜାତୀୟ ପତାକା ଖୋଜିବା ଦାୟିତ୍ୱ ଦେଇଥିଲେ ।

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଅଧକ୍ଷତାରେ ଏକ ପତାକା କମିଟି ମଧ ଗଠନ କରାଯାଇଥିଲା । କମିଟି ସମସ୍ତ ପ୍ରତିଷ୍ଠିତ କଳା ବିଦ୍ୟାଳୟ, ଡିଜାଇନର୍ ଏବଂ କଳାକାରଙ୍କ ଠାରୁ ଡିଜାଇନ୍ ଆମନ୍ତ୍ରଣ କରିଥିଲା । ବହୁ ଲୋକ ସେମାନଙ୍କର ଡ୍ରାଫ୍ଟ ଡିଜାଇନ୍ ଦାଖଲ କରିଥିଲେ, କିନ୍ତୁ କମିଟି କୋଣସି ଦ୍ୱାରା ପ୍ରଭାବିତ ହୋଇନଥିଲା । ପରିଶେଷରେ, ପିଙ୍ଗାଳି ଭଙ୍କାୟା ଦ୍ୱାରା ଡିଜାଇନ୍ ହୋଇଥିବା ବିଦ୍ୟମାନ ପତାକାକୁ ସଂଶୋଧନ କରିବାକୁ କମିଟି ନିଷ୍ପତ୍ତି ନେଇଥିଲା ।

ଯଦିଓ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ସ୍ୱାଧୀନତା ପାଇଁ ବିଭିନ୍ନ ଜନ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଚରଖ ଥିବା ପତାକା ବ୍ୟବହୃତ ହୋଇଥିଲା କିନ୍ତୁ ପତାକା ର ମଧ୍ୟଭାଗରେ ଅଶୋକ ଚକ୍ର କୁ ସ୍ଥାନିତ କରି ୧୯୪୭ ମସିହା ଜୁଲାଇ ମାସ ୨୨ ତାରିଖରେ ତ୍ରିରଙ୍ଗା ପତାକାକୁ ଜାତୀୟ ପତାକା ର ମାନ୍ୟତା ଦିଆ ଯାଇଥିଲା । ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖର ଅର୍ଦ୍ଧ ରାତ୍ରରେ ଭାରତକୁ ଏକ ସ୍ୱାଧୀନ ଦେଶ ବୋଲି ଘୋଷଣା କରାଯାଇ ସମ୍ବିଧାନ ସଭାକୁ ପ୍ରଥମ ଜାତୀୟ ପତାକା ଉପହାର ଦିଆଗଲା । ଅଗଷ୍ଟ ୧୫ ତାରିଖ ସକାଳେ ଦେଖାଗଲା ମୁକ୍ତ ଭାରତର ସ୍ନିଗ୍ଧ ବାୟୁ ପରାଶରେ ଜାତୀୟ ପତାକା ଫରଫର ହୋଇ ଉଡୁଛି । ଜାତୀୟ ପତାକାର ଶୀର୍ଷ ଭାଗରେ ନାରଙ୍ଗୀ, ମଧ ଭାଗରେ ଧଳା, ନିମ୍ନ ଭାଗରେ ସବୁଜ ରଙ୍ଗ ଏବଂ ମଧ୍ୟଭାଗରେ ଅଶୋକ ଙ୍କ ସାରନାଥ ଠାରେ ଥିବା ଧର୍ମ ଚକ୍ର କୁ ଆମର ଜାତୀୟ ପତାକାରେ ସ୍ଥାନିତ କରାଯାଇଥିଲା । ପତାକା ରେ ସ୍ଥାନିତ ହୋଇଥିବା ନାରଙ୍ଗୀ ରଙ୍ଗ ସାହସ,ତ୍ୟାଗ ବାସନାବର୍ଜନ ଓ ଆତ୍ମୋତ୍ସର୍ଗ ର ପ୍ରତୀକ । ଏହା ଦେଶ ବାସୀଙ୍କ ସାହସ ଓ ବୀରତ୍ୱର ଗାଥା ବଖାଣୁଛି । ଲଢୁଆ ଯବାନଙ୍କର ତ୍ୟାଗ ପୂର୍ଣ୍ଣ ଜୀବନ ଓ ଉଚ୍ଚକୋଟୀର ନୈତିକ ସାହସ ପାଇଁ ଆମକୁ ଆହ୍ୱାନ ଦେଉଛି । ଭାତୃତ୍ୱ,ସମୃଦ୍ଧି, ପ୍ରାଚୂର୍ଯ୍ୟ ଓ ମହାନତା ର ଗୁଣ ବଖାଣୁଛି ପତାକା ରେ ଥିବା ସବୁଜ ରଙ୍ଗ । ଶସ୍ୟ ସମ୍ଭାର ର ଘନ ସବୁଜ । ପ୍ରକୃତିର ଉର୍ବର ମୃତ୍ତିକା ଓ ପ୍ରଚୁର ଜଳ ରାଶି ଆମକୁ ଆଶୀର୍ବାଦ ସ୍ୱରୂପ ମିଳିଛି । କଠିନ ପରିଶ୍ରମ ମାଧ୍ୟମରେ ପବିତ୍ର ଭାରତ ଭୂମି କୁ ସ୍ୱର୍ଣ୍ଣପ୍ରସୁ କରିବା ପାଇଁ ଆହ୍ୱାନ ଦେଉଛି । କାୟ,ମନ,ବାକ୍ୟ ରେ ସତ୍ୟ ଓ ପବିତ୍ରତା ଆଚରଣ କରିବା ହେଉଛି ଭାରତର ଆଦର୍ଶ ବୋଲି ପତାକାର ଧଳା ରଙ୍ଗ ସୁଚେଇଥାଏ । ଗତି ଓ ଗତିଶୀଳ ର ପ୍ରତୀକ ର ସ୍ୱରୂପ ହେଉଛି ଚକ୍ର । ନିତ୍ୟ ଘୂର୍ଣ୍ଣନ ସମୟ ଚକ୍ରରେ ଭାରତରେ ଦିନେ ଚଣ୍ଡାଶୋକ ଧର୍ମାଶୋକ ରେ ପରିଣତ ହୋଇ ଦେଶକୁ ସତ୍ୟ,ଧର୍ମ ଓ ନ୍ୟାୟ ର ଶାସନ ଦେଇଥିଲେ । ଏହା ନାଗରିକ ଙ୍କୁ ଦେଶଭକ୍ତି ର ପ୍ରେରଣା ଦେଇଥାଏ । ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଦେଖିଲେ ଅଶୋକ ଚକ୍ରରେ ଥିବା ୨୪ଟି ଅର ଦିନର ୨୪ ଘଣ୍ଟାକୁ ଦର୍ଶାଏ । ସମୟ ଭଳି ଅବିରତ ନିଜ ଦାୟିତ୍ୱ ସମ୍ପାଦନ କରିବା ପାଇଁ ଏହା ପ୍ରେରଣା ଦେଇଥାଏ । ଏହି ୨୪ଟି ଅର ମନୁଷ୍ୟର ୨୪ଟି ଗୁଣ ଏବଂ ସତ୍ ?ମାର୍ଗରେ ଯିବା ପାଇଁ ଏହାକୁ ୨୪ଟି ମାର୍ଗ ସହିତ ମଧ ତୁଳନା କରାଯାଇଛି । ଅଶୋକ ଚକ୍ରର ମଧ୍ୟଭାଗରେ ଥିବା ୨୪ଟି ଅର ହେଉଛି ୨୪ଟି ଧର୍ମମାର୍ଗର ପ୍ରତୀକ । ସଂଯମତା, ଆରୋଗ୍ୟ, ଶାନ୍ତି, ତ୍ୟାଗ, ଶୀଳ, ସେବା, କ୍ଷମା, ପ୍ରେମ, ମୈତ୍ରୀ, ବନ୍ଧୁତ୍ୱ, ସଂଗଠନ,କଲ୍ୟାଣ, ସମୃଦ୍ଧି, ଉଦ୍‌ଯୋଗ, ସୁରକ୍ଷା, ନିୟମ, ସମତା, ଅର୍ଥନିଷ୍ଠ, ନୀତିନିଷ୍ଠ, ନ୍ୟାୟ, ସହଯୋଗ, କର୍ତ୍ତବ୍ୟ, ଅଧିକାର ଓ ବୁଦ୍ଧିମତାର ପ୍ରତୀକ ଭାବେ ଏହି ୨୪ଟି ଅରକୁ ବିବେଚନା କରାଯାଏ ।

ଜାତୀୟ ପତାକା ତଳେ ରୁଣ୍ଡ ହୋଇ ଭାରତୀୟ ମାନେ ଦେଶ ଓ ଜାତି ପାଇଁ ଯଥାର୍ଥ କର୍ତ୍ତବ୍ୟ କରିବାର ବଜ୍ର ଶପଥ ନିଅନ୍ତି । ଏ ଦେଶର ବୀର ଯବାନ ମାନେ ଜାତୀୟ ସମରରେ ଆଗଭର ହୋଇ ଏହାର ମର୍ଯ୍ୟାଦା କୁ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରାଣ ଘାତକ ଲଢେଇ କରିଥାନ୍ତି । ଅତୀତ ରେ ଏହାର ମହତ୍ତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ମାନେ ଏକତ୍ରିତ ହୋଇ ବ୍ରିଟିଶ ସହ ଲଢ଼େଇ କରି ସହିଦ ହୋଇଛନ୍ତି । ଏହି ତ୍ରିରଙ୍ଗା ପଛରେ ଅଛି ଯୁଗ ଯୁଗର ଇତିହାସ,ଆମ ପ୍ରାଚ୍ୟ ପରମ୍ପରା ଓ ଆତ୍ମ ତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଗୋଟିଏ ପବିତ୍ର ନ୍ୟାସ । ଏହାର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି । ନିଜ ବିଶ୍ୱାସ ରେ ଅଟଳ ରହି ଯେଉଁ ଜାତି ହସି ହସି ଫାଶୀ ଖୁଣ୍ଟରେ ଚଢ଼ିଯାଇ ପାରେ, ଯେଉଁ ଜାତି ସାରା ବିଶ୍ୱକୁ କୁଟୁମ୍ବ ଦୃଷ୍ଟିରେ ଦେଖି ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଧରେ , ଯେଉଁ ଜାତି ର ଆତ୍ମା ଶକ୍ତି ଆଗରେ ସଙ୍ଗୀନ ମୁନ ମଥାନତ କରେ ସେ ଜାତି କେବେ ମରେ ନାହିଁ । ସେ ଜାତି ର ଆତ୍ମା ଅମର । ସେ ଜାତି ଅଜେୟ । ଅତୀତ ର ଗୌରବମୟ ତ୍ରିରଙ୍ଗା ଆମକୁ ସ୍ମରଣ କରେଇଦିଏ ଯେ ଆମର ୧୨୦ କୋଟି ଲୋକଙ୍କୁ ନେଇ ଗୋଟିଏ ପରିବାର ଅଛି । ଏହି ବଡ଼ ପରିବାର ର ଆଦର୍ଶ ଓ ଆକାଂକ୍ଷା ର ପ୍ରତୀକ ହେଉଛି ତ୍ରିରଙ୍ଗା । ଏହା କୁ ଭକ୍ତି କରିବାର ଅର୍ଥ ହେଉଛି ସମଗ୍ର ଜାତି କୁ ଭକ୍ତି କରିବା । ଯୁବ ବନ୍ଧୁଗଣ ଆଗେଇ ଆସ, ନବ ପ୍ରସ୍ଫୁଟିତ ସୂର୍ଯ୍ୟ ର କିରଣ ଭଳି ତେଜୀୟାନ ହୋଇ ମୁକ୍ତ ଆକାଶ ରେ ଫରଫର ଉଡୁଥିବା ତ୍ରିରଙ୍ଗା ତଳେ ଦଣ୍ଡାୟମାନ ହୁଅ । ଆମ ଜାତିର ପତାକା,ତ୍ରିରଙ୍ଗା ର ଅକ୍ଷୁଣ୍ଣତା ନିମନ୍ତେ ହସିହସି ମୁକ୍ତ କଣ୍ଠରେ ଶପଥ ନିଅ ।ଜାତୀୟତା ର ଭାବନା ଜାଗ୍ରତ କରିବା ପାଇଁ ଭାରତ ସରକାର ମଧ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମେରା ଭାରତ ମହାନ୍ । ଜୟ ହିନ୍ଦ୍ ।


+ଅଧ୍ୟାପକ,ବାଣିଜ୍ୟ ବିଭାଗ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ଅଗଷ୍ଟ ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ରର କଣ୍ଠରୋଧ ...

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତର କୌଣସି ନା କୌଣସି ଭାଗ ପ୍ରାୟ ପ୍ରତ୍ୟେକ ବର୍ଷ ନିର୍ବାଚନକୁ ପ୍ରତ୍ୟକ୍ଷ କରୁଥାଏ । ଆଉ ଦେଶରେ ପାଳିତ ହେଉଥିବା ଅନେକ ପର୍ବପର୍ବାଣି ଭଳି ଏଇ ନିର୍ବାଚନକୁ ମଧ୍ୟ ଏ ଦେଶର ସାଧାରଣ ଲୋକମାନେ ଏକ ପର୍ବ ଭାବରେ ଗ୍ରହଣ କରି ନେଇଛନ୍ତି। ତେବେ ଯେଉଁ ନିର୍ବାଚନ ଆୟୋଗ ଏହି ପର୍ବକୁ ନିରପେକ୍ଷତାର ସହ ସମ୍ପାଦିତ କରାଇଥାନ୍ତି, ସେହି ଆୟୋଗର ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ଆୟୁକ୍ତମାନଙ୍କ ନିଯୁକ୍ତିକୁ ନେଇ ସମ୍ପ୍ରତି କେନ୍ଦ୍ର ସରକାର ଏକ ବିବାଦୀୟ ବିଲ୍ ସଂସଦର ଉପର ସଦନ ରାଜ୍ୟସଭାରେ ଉପସ୍ଥାପିତ କରିଛନ୍ତି ଯାହା କାର୍ଯ୍ୟପାଳିକାକୁ ସେମାନଙ୍କ ମନୋନୟନ କ୍ଷେତ୍ରରେ ଅଧିକ କ୍ଷମତା ପ୍ରଦାନ କରିବାକୁ ଯାଉଛି । ଏହି ବିଲ୍ ଉଭୟ ଉଲ୍ଲେଖନୀୟ ଏବଂ ବିବାଦୀୟ- କେବଳ ଏଇ ଦୃଷ୍ଟିରୁ ନୁହେଁ ଯେ ଚଳିତ ବର୍ଷ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏ ବାବଦରେ ପ୍ରଦାନ କରିଥିବା ରାୟର ମୂଳ ଉଦ୍ଦେଶ୍ୟ ବିରୁଦ୍ଧରେ ଏହା ଯାଉଛି, ବରଂ ଏହାର ମଧ୍ୟ ନିର୍ବାଚନୀ ସଂସ୍ଥାର ସୂକ୍ଷ୍ମ ସ୍ତର ଉପରେ ଏକ ନିର୍ଣ୍ଣାୟକ ପ୍ରଭାବ ପଡ଼ିବ, ଯାହା ଆସନ୍ତା ବର୍ଷ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ପଦ୍ଧତିର କାର୍ଯ୍ୟକୁ ପରିଲକ୍ଷିତ କରିବାକୁ ଯାଉଛି । ଭାରତୀୟ ସମ୍ବିଧାନର ଧାରା ୩୪୨(୨) ଅନୁଯାୟୀ ରାଷ୍ଟ୍ରପତି 'ଏ ବାବଦରେ ସଂସଦ ଦ୍ୱାରା ପ୍ରଣୀତ ଯେ କୌଣସି ଆଇନର ବ୍ୟବସ୍ଥା ଅନୁସାରେ' କାର୍ଯ୍ୟ ନହେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦଙ୍କ ସହାୟତା ଓ ପରାମର୍ଶରେ ସିଇସି ଏବଂ ଇସିମାନଙ୍କୁ ନିଯୁକ୍ତ କରିବାକୁ କ୍ଷମତାପ୍ରାପ୍ତ । ତେବେ, ଏଭଳି କୌଣସି ଆଇନ ବଳବତ୍ତର ନ ଥିବାରୁ ଉପରୋକ୍ତ ପଦବୀଧାରୀମାନେ ରାଷ୍ଟ୍ରପତିଙ୍କ ଅନୁମୋଦନରେ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ଦ୍ୱାରା ନିଯୁକ୍ତ ହେଉଥିଲେ। ଚଳିତ ବର୍ଷ ମାର୍ଚ୍ଚ ମାସରେ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଏହି ଅନ୍ତରକୁ ପୂରଣ କରିବା ନିମନ୍ତେ ଉଦ୍ୟମ କରିବାକୁ ଯାଇ କହିଥିଲେ ଯେ ସଂସଦ ଏକ ଆଇନ୍ ପ୍ରଣୟନ କରିବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଏବଂ ଦେଶର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ନେଇ ଗଠିତ ଏକ କମିଟି ସିଇସି ଏବଂ ଇସିମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ । ସମ୍ପ୍ରତି ଉପସ୍ଥାପିତ ହୋଇଥିବା ବିଲ୍ ସିଜେଆଇଙ୍କ ସ୍ଥାନରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ କମିଟିର ସଦସ୍ୟ ଭାବରେ ନେବାର ପ୍ରସ୍ତାବ ସହିତ ଏହି ବ୍ୟବସ୍ଥାକୁ ଅଧ୍ୟକ୍ରମଣ କରିବାର ଉଦ୍ୟମ କରିଛି, ଯାହା ସମ୍ପୂର୍ଣ୍ଣ କମିଟି ଉପରେ ସରକାରୀ କଳର ନିୟନ୍ତ୍ରଣକୁ ପ୍ରଭାବଶାଳୀ ଢଙ୍ଗରେ ପ୍ରଦାନ କରିବ । ନ୍ୟାୟିକ ଅତିକ୍ରମଣ ଭଳି ବୋଧ ହେଉଥିଲେ ସୁଦ୍ଧା ସୁପ୍ରିମ୍‌କୋର୍ଟଙ୍କ ରାୟ ସିଇସି ଏବଂ ଇସିମାନେ ନିରପେକ୍ଷ ରହିବାର ଆବଶ୍ୟକତା ଉପରେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କଥା ଉଲ୍ଲେଖ କରିଛି ଏବଂ ଏମାନଙ୍କର ମନୋନୟନ ପ୍ରକ୍ରିୟା କାହିଁକି ସ୍ୱଚ୍ଛ ଏବଂ ନିରପେକ୍ଷ ହେବା ଆବଶ୍ୟକ, ତା' ଉପରେ ଗୁରୁତ୍ୱାରୋପ କରିଥିଲା । ସାମ୍ପ୍ରତିକ ସମୟରେ ବେଶ୍ କେତେକ ନିର୍ବାଚନରେ ଇସିଙ୍କ ବିରୁଦ୍ଧରେ ଯେତେବେଳେ ପକ୍ଷପାତିତା କରୁଥିବାର ଅଭିଯୋଗମାନ ଉଠା ଯାଉଛି, ସେତେବେଳେ ତାଙ୍କର ନିରପେକ୍ଷତାକୁ ପ୍ରତିଷ୍ଠିତ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ନ ହୋଇ ତହିଁରେ ପରିବର୍ତ୍ତନ କରି ଆଇନ ପ୍ରଣୟନ କରିବାକୁ ସରକାର ଉଦ୍ୟମ କରିବା ଅବଶ୍ୟ ବିବାଦକୁ ଆମନ୍ତ୍ରଣ କରିବ। କହିବା ବାହୁଲ୍ୟ, ନିର୍ବାଚନ ପ୍ରକ୍ରିୟାକୁ ରାଜନୀତିଠାରୁ ଦୂରରେ ରଖାଯିବା ଉଚିତ, କାରଣ ଏକ ଅନିୟନ୍ତ୍ରିତ ନିର୍ବାଚନ କାହା ପାଇଁ ଲାଭଦାୟକ ହେବନାହିଁ, ବିଶେଷକରି ଗଣତନ୍ତ୍ର ପାଇଁ ତ ଆଦୌ ନୁହେଁ । ସୋଭିଏତ୍ ଏକଛତ୍ରବାଦୀ ଯୋଶେଫ୍ ଷ୍ଟାଲିନ୍ ହୁଏତ କହିଥିଲେ ଯେ 'ଯେଉଁ ଲୋକମାନେ ଭୋଟ୍ ଦିଅନ୍ତି, ତାହା ସେତେ ବିଶେଷ ମୂଲ୍ୟ ରଖେନାହିଁ, ଯେତିକି ମୂଲ୍ୟ ରଖନ୍ତି ସେଇ ଲୋକମାନେ, ଯେଉଁମାନେ ଭୋଟ୍‌ର ଗଣତି କରନ୍ତି ।' ନିର୍ବାଚନ ଅନୁଷ୍ଠିତ କରାଇବାର ଏବଂ ଭୋଟ୍ ଗଣନା କରିବାର ପ୍ରକ୍ରିୟା, ଯାହା ଭାରତ ଭଳି ଏକ ବିଶାଳ ନିର୍ବାଚିତ ଗଣତନ୍ତ୍ରର କାର୍ଯ୍ୟ କରିବାର ଶୈଳୀରେ ଆଜି ପର୍ଯ୍ୟନ୍ତ ଆପାତତଃ ସ୍ୱଚ୍ଛତା ରକ୍ଷା କରି ଆସିଛି, ସେହି ପଦ୍ଧତିର ଅବକ୍ଷୟ ଘଟାଇବାକୁ ଯାଇ ସାମ୍ପ୍ରତିକ ଶାସକମାନେ ଯେଉଁ ଉଦ୍ୟମ କରୁଛନ୍ତି, ତଦ୍ୱାରା ସେମାନେ ଏକ ଭାନୁମତୀ ପେଡ଼ି ଖୋଲିବା ଭଳି କାର୍ଯ୍ୟ କରୁଛନ୍ତି ଏବଂ ସେମାନେ ହୁଏତ ଏମିତି ଶକ୍ତିମାନଙ୍କୁ ପ୍ରଶ୍ରୟ ଦେଇ ପାରନ୍ତି, ଯାହା ଭବିଷ୍ୟତରେ ସେଇମାନଙ୍କ ଉପରେ ହିଁ ଆକ୍ରମଣ କରିପାରେ । ନିର୍ବାଚନ କମିଶନ ସଦସ୍ୟମାନଙ୍କ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବା ହେଉଛି ଅନ୍ୟ ଏକ ପରିବର୍ତ୍ତନ, ଯାହାର ବିଲ୍ ଆଇନରେ ପରିଣତ ହେବା ପୂର୍ବରୁ ସମାଧାନ କରାଯିବାର ଆବଶ୍ୟକତା ରହିଛି । ତେଣୁ ସମସ୍ତ ପ୍ରକାର ବ୍ୟକ୍ତିଗତ ବିଚାରଧାରାର ଊର୍ଦ୍ଧ୍ୱକୁ ଉଠି ସରକାର ପରିବର୍ତ୍ତିତ ପ୍ରସ୍ତାବଗୁଡ଼ିକର ପୁନର୍ବିଚାର କରିବା ଉଚିତ । ଏଥିରେ କ୍ୱଚିତ୍ କେହି ଦ୍ୱିମତ ହେବେ ଯେ ନ୍ୟାୟିକ ବ୍ୟବସ୍ଥାର ସର୍ବୋଚ୍ଚ ପଦବୀ ଭଳି ନିର୍ବାଚନ ଆୟୋଗରେ ଜଣେ ନିରପେକ୍ଷ ବ୍ୟକ୍ତିଙ୍କ ସର୍ବୋଚ୍ଚ ପଦବୀରେ ରହିବା ଏକ ଗଣତନ୍ତ୍ରରେ ସର୍ବାଦୌ କାମ୍ୟ, କାରଣ ଏହାଦ୍ୱାରା ଦେଶ ଓ ଦେଶବାସୀ ଉତ୍ତମ ଶାସକମାନଙ୍କୁ ପାଇବାର ସମ୍ଭାବନା ଅଧିକ । ଆଉ ସେଥିପାଇଁ ଏହି ଆୟୋଗର କର୍ଣ୍ଣଧାରମାନଙ୍କୁ ବାଛିବା ଦୃଷ୍ଟିରୁ କମିଟିର ଯଥେଷ୍ଟ ମହତ୍ତ୍ୱ ରହିଛି । ଅତଏବ, ବିଲ୍ ପାରିତ ହୋଇ ନୂଆ ଆଇନରେ ପରିଣତ ହେବା ପରେ ଏହାକୁ ଚ୍ୟାଲେଞ୍ଜ୍ କରାଗଲେ ତାକୁ ସୁପ୍ରିମ୍‌କୋର୍ଟ ଅସାମ୍ବିଧାନିକ କହି ଖାରଜ କରିବା ପରିବର୍ତ୍ତେ ଏଥିରେ ରହିଥିବା ଦୋଷତ୍ରୁଟିଗୁଡ଼ିକୁ ନିରୂପଣ କରି ସେଗୁଡ଼ିକର ସଂଶୋଧନ କରିବାର କାର୍ଯ୍ୟ ବର୍ତ୍ତମାନ ସରକାରଙ୍କ ଉପରେ ନିର୍ଭର କରୁଛି, ଯାହା ଗ୍ରହଣୀୟ।



# ୭୭ତମ - ଆମେ କଣ ସତରେ ସ୍ୱାଧୀନ ?

### ଡି. ଶୁଭମ୍



ବର୍ବର ବ୍ରିଟିଶର ଚାତୁର୍ଯ୍ୟ ଆଉ ଶଠତାରେ ବଶୀଭୂତ ହୋଇଥିଲେ ଭାରତବାସୀ। ଶାସନ ନାମରେ ଆରମ୍ଭ ହେଲା ଶୋଷଣର ପର୍ବ। ଅତ୍ୟାଚାରର ପୈଶାଚିକ ନାଟକ। ଶୌର୍ଯ୍ୟଭୂମୀ ଭାରତବର୍ଷର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ଇଂରେଜ ମାନେ କରିଥିଲେ ବିଭୀଷିକାର ରାକ୍ଷସୀ ମାୟା। ପୁଣ୍ୟଭୂମି ଭାରତ ପାଇଁ ଆସିଲା ଚରମ ଦୁର୍ଭାଗ୍ୟ। ଭାରତର ସାଂସ୍କୃତିକ ପରିସ୍ଥିତି ହେଲା ଅବକ୍ଷୟ। ଇଂରେଜଙ୍କର ଏହି କ୍ରମାଗତ ଶୋଷଣ ଶେଷରେ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ନେଲା। ଦୁର୍ଦ୍ଦଷ ଭାରତୀୟ ଶକ୍ତିର ଚରମ ସିଂହନାଦରେ ଭୟଭୀତ ହେଲେ ବ୍ରିଟିଶଗଣ। ପରାଧୀନତାର ଗଗନରେ ଆବଦ୍ଧ ବସା ଭିତରେ ବାନ୍ଧି ହୋଇ ରହିଥିଲେ ଭାରତୀୟ। ସତରେ ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା। ସେମିତି ଜୀବନ ଜୀଇଁବାରେ କଣ ବା ଲାଭ? ଆଉ ଠିକ୍ ଏଇ ସବୁ ଭିତରେ ବାଦ ପଡ଼ି ନଥିଲା ଓଡ଼ିଶାର ରକ୍ତତୀର୍ଥ ବୋଲାଉଥିବା ଇରମ। ଦେଶପ୍ରେମର ମନ୍ତ୍ରକୁ ଗୁଂଜରିତ କରି ସାରା ଭାରତର ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା ଏ ଇରମ ମାଟି। ଅଗଷ୍ଟ କ୍ରାନ୍ତି ଦିବସ ଆସିଲେ ମନେ ପଡ଼େ ଏଇ ମୁକ୍ତି ସଂଗ୍ରାମର ମୁକସାକ୍ଷୀର କଥା।

୧୮୮୫ରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସର ମହାସିନ୍ଧୁ। ଏହାର ଗୁରୁଗମ୍ଭୀର ଧ୍ୱନିରେ ସାରା ଦିଗ ବିଦିତ ହେଲା। ଆଉ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭାବେ ଉଭା ହେଲେ ଜାତିର ପିତା ଗାନ୍ଧୀଜୀ। ସଂଗ୍ରାମୀ ସେନାପତି ସାଜି ବିପ୍ଳବର ବହ୍ନିକୁ ଚତୁର୍ଦ୍ଦିଗରେ ପ୍ରଜ୍ଜ୍ୱଳିତ କଲେ। ଆନ୍ଦୋଳନ ଓ ସତ୍ୟାଗ୍ରହ କାଳକ୍ରମେ ଭାରତରେ ସୂତ୍ରପାତ ହେଲା। ସ୍ୱଦେଶୀ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ପ୍ରମୁଖ ବିପ୍ଳବର ମାଇଲଖୁଣ୍ଟ ସାଜିଲା। ଶେଷରେ ଭାରତୀୟମାନେ ଅନୁଭବ କଲେ ଜୀବନଠାରୁ ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାଧୀନତା। ଜୀବନକୁ ତୁଚ୍ଛ କରି ସଭିଏଁ ଭାରତୀୟତା ଓ ଏକତାର ମନ୍ତ୍ରରେ ଆନ୍ଦୋଳନରେ ଝାସ ଦେଲେ। ଗାଁ ଠୁ ସହର ସବୁଆଡ଼େ ବ୍ୟାପିଗଲା ଅହିଂସାର ବାତାବରଣ। ପ୍ରଜ୍ଞା, ଶ୍ରମ, ସାଧନା ଏବଂ ଉତ୍ସାହର ମିଳିତ ଶକ୍ତିରେ ଭାରତୀୟ ମାନେ ସକ୍ରିୟ ହୋଇଉଠିଲେ। ଆଉ ଶେଷରେ ଭାରତ ସ୍ୱାଧୀନତାର ସୂର୍ଯ୍ୟୋଦୟ ଦେଖିଲା।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଅବ୍ରହାମ ଲିଙ୍କନଙ୍କ ଭାଷାରେ ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ପାଇଁ ଆଉ ଲୋକମାନଙ୍କ ଦ୍ୱାରା। ଗ୍ରୀକ ଦାର୍ଶନିକ ପ୍ଲେଟୋଙ୍କ ଭାଷାରେ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ସ୍ୱଚ୍ଛ ଓ ନିର୍ମଳ ଜନାଭିମୁଖୀ ଶାସନ। ମାତ୍ର ଏବର ପରିସ୍ଥିତିକୁ ଲକ୍ଷ କଲେ ଏହା ଭଲଭାବେ ଅନୁମେୟ ଯେ ଏ ବ୍ୟବସ୍ଥା ସମୂହ ଏବେ ସମ୍ପୂର୍ଣ୍ଣ କଳୁଷିତ। ଗଣତନ୍ତ୍ରରେ ନେତାମାନେ ଆଦର୍ଶ, ଦେଶସେବୀ ଏବଂ ନିଃସ୍ୱାର୍ଥପର ଗାନ୍ଧୀ ଚେତନାରେ ଆଦର୍ଶବାଦୀ ହେବା ଆବଶ୍ୟକ। ମାତ୍ର ଆମ ଦେଶର ନେତାମାନେ ଏବେ ଦୁର୍ନୀତି ଗ୍ରସ୍ତ, ସ୍କାମ୍, ସ୍କାଣ୍ଡାଲ୍‌ର ନେତା ଭାବେ ବେଶ ଜଣାଶୁଣା। ତଥା କଥିତ ଦୁର୍ନୀତି ମାନଙ୍କର ଗାଥା ବୋଧହୁଏ ଊଣା ଅଧିକେ ସମସ୍ତଙ୍କୁ ଜଣା। ଯେପରିକି ଏ ରାଜାଙ୍କର ଟୁ ଜି ସ୍କେକ୍ଟମ୍ ଦୁର୍ନୀତି, ଲାଲୁ ଯାଦବଙ୍କର ଗୋଖାଦ୍ୟ ଦୁର୍ନୀତି, ହର୍ଷଦ ମେହେଟାଙ୍କର ସେୟାର ମାର୍କେଟ ଦୁର୍ନୀତି, ମାୟାବତୀଙ୍କର ଜମିକିଣା ଦୁର୍ନୀତି, ଆହୁରି ବହୁତ। ଗୋପବନ୍ଧୁଙ୍କ ସେହି ମହନୀୟ ବାଣୀ ଏବେ ବିପରୀତ ଅର୍ଥରେ ପ୍ରୟୋଗ ହୋଇ କୁହାଯାଉଛି- ଜନତାର ଦେହ ମିଶୁ ଏ ମାଟିରେ, ଆମେ ଚାଲି ଯିବୁ ତାଙ୍କରି ପିଠିରେ, ଆମ ସ୍ୱାର୍ଥ ପଛେ ଅଛି ଯେତେ ଗାଡ଼, ପୁରୁତହିଁ ପଡି ଜନତାର ହାଡ଼। ଏପରିକି ଭୀମଭୋଇଙ୍କ ବାଣୀ ଏବେ ବଦଳି ଯାଇ କୁହାଯାଉଛି- ଜଗତ ଟା ପଛେ ନର୍କେ ପଡିଥାଉ ମୋ ଜୀବନ ଉଦ୍ଧାର ହେଉ।

ଗଣତନ୍ତ୍ର ବ୍ୟବସ୍ଥାରେ ଦେଶର ଉତ୍ପାଦିତ ଦ୍ରବ୍ୟକୁ ସମସ୍ତଙ୍କ ମଧ୍ୟରେ ସମ ଭାବରେ ବଣ୍ଟନ କରାଯାଇଥାଏ। ମାତ୍ର ଆମ ଦେଶରେ ଏହି ବ୍ୟବସ୍ଥାରେ ଘୋର ପକ୍ଷପାତିତା କରାଯାଉଛି। ରାଜନେତା ମାନେ ନିଜ ଦଳୀୟ ଲୋକଙ୍କୁ ପ୍ରାଧାନ୍ୟ ଦେଇଥାନ୍ତି। ହକଦାର ଗରିବ ମାନଙ୍କର ବିପିଏଲ, ଇନ୍ଦ୍ରାବାସ ସବୁ ବାଟ ମାରଣା ହୋଇଯାଉଛି। ତେଲିଆ ମୁଣ୍ଡରେ ତେଲ ବୋଳି ଏହି ସୁବିଧା ସୁଯୋଗ କୁ ହାତ କରିଦେଉଛନ୍ତି ପଦସ୍ତ ଅଧିକାରୀ ବୃନ୍ଦ। ସେତେବେଳେ ନା କହିବାକୁ ଅଛି ବଳ ନା ସାହସ। ଜଣେ ବ୍ୟଙ୍ଗକାରଙ୍କ ମତରେ- ମନ୍ତ୍ରୀ ହେ ତୁମେ କେଡେ ଭଲ, ଧନିଏଙ୍କୁ ତୁମେ ବିପିଏଲ ଦେଇ, ଗରିବଙ୍କୁ କଲ କଲବଲ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ବିଚାର ବିଭାଗ ଅତୀବ ସ୍ୱଚ୍ଛ। କିନ୍ତୁ ଭାରତବର୍ଷରେ ବିଚାର କ୍ଷେତ୍ରରେ ପକ୍ଷପାତିତା ଅବଲମ୍ବନ କରାଯାଇ ବିଭାଗୀୟ ଲୋକମାନେ ଅର୍ଥ ବଳରେ ଆଇନ୍‌କୁ ନିଜ ହାତକୁ ଆଣିବାକୁ ପଛାଉ ନାହାନ୍ତି। ତେଣୁ ଦାଉଦ ଇବ୍ରାହିମ, ଛୋଟା ରାଜନ ପରି ଗ୍ୟାଙ୍ଗଷ୍ଟର ମାନେ ଆଇନ୍ ର ଫାଙ୍କ ଦେଇ ଖସି ଆସିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟ ପକ୍ଷରେ ଗରିବ ଲୋକମାନେ ନ୍ୟାୟରୁ ବଞ୍ଚିତ ହୋଇ ସାମାନ୍ୟ ଭୁଲ ପାଇଁ ଗୁରୁତର ଦଣ୍ଡ ରେ ଦଣ୍ଡିତ।

ଗଣତନ୍ତ୍ରରେ ସବୁ ଶ୍ରେଣୀର ଲୋକମାନଙ୍କୁ ସମାନ ସୁବିଧା ସୁଯୋଗ ଦିଆ ଯାଇଥାଏ। କିନ୍ତୁ ଆମ ଦେଶର ସୁବିଧା ବାଦ ଗୋଷ୍ଠୀର ଲୋକ ମାନେ ସମସ୍ତ ସ୍ୱାର୍ଥ ହାସଲକରି ନିରୀହ ହରିଜନ ମାନଙ୍କୁ ତାଙ୍କର ପ୍ରାପ୍ୟରୁ ବଞ୍ଚିତ କରୁଛନ୍ତି। ଯାହାର ପରିଣତି ଆଜି ଦେଶରେ ନକ୍ସଲ, ମାଓବାଦର ଆରମ୍ଭ ହୋଇଛି। ସେଇପାଇଁ – ମଣିଷର ଦୁଇ ଜାତି ଧନୀ ଓ ଗରିବ, ଗରିବର ସ୍ୱେଦେ ଗଢା ଏ ବିଶ୍ୱ ବୈଭବ, ଧନିକ ଅୟସେ ତାକୁ କରିଥାଏ ଭୋଗ, ଗରିବ କପାଳେ ଲେଖା ଲାଞ୍ଛନା ଦୁର୍ଯୋଗ। ତେଣୁ ଭାରତ ବର୍ଷରେ କୃଷକ ମାନେ ଋଣ ପରିଶୋଧ କରି ନପାରି ଆତ୍ମହତ୍ୟା କରୁଛନ୍ତି। ଯାହାକି ଦୈନନ୍ଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଭାଷରେ "ଏ ଦେଶରେ ପ୍ରଗତି ପାଇଁ ଆଶୁଥିବା ଟଙ୍କାର ୮୦ ପଇସା ବାଟମାରଣା ହୋଇ ଯାଇଥାଏ"। ଗଣତନ୍ତ୍ର ଶାସନରେ ପୋଲିସ ମାନେ ଲୋକ ମାନଙ୍କ ପାଇଁ ସାହାଯ୍ୟ ନ କରି ବରଂ ନେତା ମାନଙ୍କର ହାତ ବାରିସୀ ସାଜି ଏବଂ ଧନୀକ ମାନଙ୍କର ଅର୍ଥ ଖାଇ ଗରିବ ମାନଙ୍କୁ ନିର୍ଯାତନା ଦେଇଥାନ୍ତି। ଅସାମଜିକ କାର୍ଯ୍ୟରେ ଲିପ୍ତ ଲୋକମାନେ ଅର୍ଥ ବଳରେ ରାଜରାସ୍ତାରେ ଛାତି ଫୁଲେଇ ବୁଲୁଛନ୍ତି।

ଗଣତନ୍ତ୍ରର ନିର୍ବାଚନ ପଦ୍ଧତି ନିତ୍ୟାନ୍ତ ସ୍ୱଚ୍ଛ। ଏଥିରେ ଥିବା ଲୋକମାନେ ସତ୍ ଚରିତ୍ରର ହେବା ସହିତ ନୀତିନିଷ୍ଠ ହୋଇଥାନ୍ତି। କିନ୍ତୁ କେତେକ ଅସାଧୁ ମାନଙ୍କର ପ୍ରବେଶ ଏହାକୁ କୁତ୍ସିତ କରାଇ ଦେଇଛି। ଫଳରେ ଜନ ସାଧାରଣଙ୍କୁ କ୍ରୟ କରି ଭୋଟ ହାସଲ କରିଥାନ୍ତି। ଅର୍ଥାତ ଏବେ ଭାରତର ଗଣତନ୍ତ୍ର ଏକ ସ୍ୱାର୍ଥାନ୍ଧ ଗୋଷ୍ଠୀର ଜନ ସ୍ୱାର୍ଥ ବିରୋଧୀ ପଣ୍ୟ ଶାସନ ପଦ୍ଧତି। ତେଣୁ ଏହାର ଉଚ୍ଛେଦ ନହେଲେ ଏ ଦେଶରେ ଶାନ୍ତି, ଶୃଙ୍ଖଳା ଓ ସଂହତି ପରାହତ ହେବ। ତେଣୁ ଆସନ୍ତୁ ପୁଣି ଥରେ ଏହି ବିଶ୍ୱକୁ ମଧୁମେୟ କରିବାକୁ ଅଣ୍ଟା ଭିଡିବା।

+ଜୈବନିରୀକ୍ଷକ, ଓଡିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା,
ଭୁବନେଶ୍ୱର,
ମୋ-୯୪୩୮୪୬୭୦୭୯

# ମୁକ୍ତି ଦିବସର ବିଡ଼ମ୍ବନା

### ବୈଷ୍ଣବ ମେହେର



ଚଳିତ ବର୍ଷ ଆମେ ୭୭ତମ ସ୍ୱାଧୀନତା ଦିବସ ପାଳନ କରୁଛେ । ଅର୍ଥାତ ଦେଶର ବିଗତ ୭୬ ଗୋଟି ମୁକ୍ତ ଦିବସକୁ ଦେଶବାସୀ ଉପଭୋଗ କରିସାରିଛେ । ବର୍ତ୍ତମାନ ଆମ ସହିତ ଖୁବ କମ୍ ବ୍ୟକ୍ତି ଥିବେ ଯେଉଁମାନେ ଦେଶ ସ୍ୱାଧୀନତାର ଉଲ୍ଲାସମୟ ଆବେଗିକ ପ୍ରଥମ ମୁକ୍ତି ଦିବସକୁ ସେଦିନ ଅଙ୍ଗେଅଙ୍ଗେ ଅନୁଭବ କରିଥିଲେ । ଯଦି ସେମାନଙ୍କ ମଧ୍ୟରୁ କିଛି ଆଜି ବି ଜୀବିତ ଅଛନ୍ତି ତେବେ ଦେଶର ସାଂପ୍ରତିକ ସ୍ଥିତିକୁ ଦେଖି ସେମାନେ କିଭଳି ଦୁଃଶ୍ଚିନ୍ତାରେ କାଳାତିପାତ କରୁଥିବେ ତା'ହା ଅନ୍ୟ କେହି ବୁଝିବା କାଠିକରପାଠ । ପ୍ରଥମ ସ୍ୱାଧୀନତା ଦିବସ ପାଳନ ବେଳର ସେହି ଅପ୍ରମିତ ଆନନ୍ଦ ଏବଂ ଆଜିର ସ୍ୱାଧୀନତା ଦିବସର ଆନନ୍ଦ ଭିତରେ କେତେ ଯୋଜନର ଫରକ୍ କିମ୍ବା କେତେ କ୍ଷିଣ ସମାନତା ରହିଛି ତାକୁ ତର୍ଜମା କରିବାର ସାମାନ୍ୟ ମାନସିକତା ଟିଏ ଆମ ଭିତରେ ଅଙ୍କୁରୋଦଗମ ହେଉଛି ତ ? ଯଦି ନା' ତେବେ ଏହା ହିଁ ଆମ ସ୍ୱାଧୀନତା ଦିବସର ସବୁଠାରୁ ବଡ଼ ବିଡ଼ମ୍ବନା ବୋଲି ଧରି ନେବାକୁ ହେବ ।

ଆଜି ଦେଶର ସାମାଜିକ, ରାଜନୈତିକ ଅବସ୍ଥାକୁ ଅବଲୋକନ କଲେ ନୈରାଶ୍ୟର ଅଥଳ ସାଗରରେ ବୁଡ଼ି ଯିବାକୁ ହୁଏ । ଯେଉଁମାନେ ଭାରତକୁ ସ୍ୱାଧୀନ କରିବାରେ ନିଜ ଜୀବନକୁ ହସିହସି ଉତ୍ସର୍ଗ କରି ଦେଲେ, ସେହି ମାନଙ୍କ ସ୍ୱପ୍ନର ଭାରତ କ'ଣ ଏହିଭଳି ଥିଲା । ସ୍ୱାର୍ଥର ସୁଉଚ୍ଚ ଶୀର୍ଷକୁ ଯଥାଶୀଘ୍ର ଚଢ଼ିଯିବାର ପ୍ରତିଯୋଗିତାରେ ସମସ୍ତେ ଏତେ ମୋହଗ୍ରସ୍ତ ହୋଇ ପଡ଼ିଛେ ଯେ, ଦେଶର ସ୍ୱପ୍ନ କଥା କେହି କେବେ ନିଜ ଚେତନାର ପରିସରକୁ ଆଣିବାର ଅବସର ହିଁ ପାଉ ନାହାନ୍ତି । ଦୁଃଖ ଲାଗେ ଆମର ଲଗାମହୀନ ଜୀବନ ଶୈଳୀକୁ ନେଇ । ସଂସ୍କାର, ଶୃଙ୍ଖଳା, ସଂଜମତା ପାଇଁ ଯେଉଁ ଦେଶ ବିଶ୍ୱବିଦିତ ଥିଲା, ଆଜି ସେଠାକାର ବିଶୃଙ୍ଖଳିତ ଦୂରାବସ୍ଥା ନିମନ୍ତେ ନିଜକୁ କେହି ଉତ୍ତରଦାୟୀ କରିବା ତ ଦୂରର କଥା ବରଂ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହେବା ଆମ ଦୂର୍ବଳତାର ପରିଚୟ ଦେଉଛି । ଜଣେ କେହି ଭଲ ଚିନ୍ତା କଲା ବେଳେ ତା' ବିରୁଦ୍ଧରେ ଅନେକେ କୁତ୍ସା ରଚନା କରିବା ଆରମ୍ଭ କରି ଦେଉଛନ୍ତି । ଏହିଭଳି ସଂକୀର୍ଣ୍ଣ ଚିନ୍ତାଧାରା ମହାମାରୀ ଭଳି ସମସ୍ତଙ୍କୁ ଜାବୁଡ଼ି ଧରି ଆମ ସାମାଜିକ ମାନକୁ ରସାତଳଗାମୀ କରୁଛି। ଦେଶର ହିତ ପାଇଁ ଏଯାଏଁ କ'ଣ କରିଛେ ଏଇ ଚିନ୍ତା ଜାଗ୍ରତ ହେବା ପରିବର୍ତ୍ତେ ଦେଶ ଆମକୁ କ'ଣ ଦେଇଛିର ଅଅପେକ୍ଷିକ ଲାଳସାରେ ପଡ଼ିବା ହିଁ ଦେଶ ପାଇଁ କ୍ଷତିକାରକ ହେଉଛି । ବିଶ୍ୱର ସବୁଠାରୁ ଶାନ୍ତିପ୍ରିୟ ମଣିଷ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ବାପୁଜୀ ମହାତ୍ମା ଗାନ୍ଧୀ ହେଉଛନ୍ତି ଆମ ଦେଶର ଜନକ । ତାଙ୍କରି ଦେଶର ଦାୟାଦ ଭାବରେ ଆମେ ସେହି ମହାପୁରୁଷଙ୍କ କେତେ ଅନୁଗାମୀ ତାହା ତ ପ୍ରତିଦିନ ଆମ ସମ୍ମୁଖରେ ଘଟୁଥିବା ହତ୍ୟା, ଲୁଣ୍ଠନ, ବଳାତ୍କାର, ସାଂପ୍ରଦାୟିକତା, ଜାତିଭେଦ ଆଦିରୁ ସ୍ପଷ୍ଟ ଅନୁମେୟ । ଗାନ୍ଧୀ ମହାଶୟ ଦିନେ କହିଥିଲେ ଯେ, ମୋ ଦେଶର ସାଧାରଣ ମହିଳାଟିଏ ଯେଉଁ ଦିନ ମଧ୍ୟ ରାତ୍ରିରେ ଏକୁଟିଆ ନିର୍ଭୟରେ ଘରକୁ ଫେରିବ ସେହିଦିନ ମୋ ଭାରତ ସ୍ୱାଧିନ ହେଲା ବୋଲି ବୁଝିବାକୁ ହେବ। ଆଜିର ବହୁଚର୍ଚ୍ଚିତ ମଣିପୁର ଘଟଣା କେବଳ ନୁହେଁ, ନାରୀ ନିର୍ଯ୍ୟାତନାର ଏଭଳି ଅନେକ ଘଟଣା ଘଟୁଛି ଯାହା ବିଶ୍ୱ ଦରବାରରେ ଭାରତୀୟଙ୍କ ମୁଣ୍ଡକୁ ତଳକୁ କରିଦେଉଛି ।

ଅପରପକ୍ଷେ ବେରୋଜଗାରୀ ଆମ ଯୁବ ସମାଜକୁ ଯେତିକି ପଥଭ୍ରଷ୍ଟ କରିଛି ତା'ଠାରୁ ଅଧିକ ବିନା ପରିଶ୍ରମରେ କଳେ ବଳେ କୌଶଳେ ରାତାରାତି ଧନବାନ ହେବାର ଅପରିଣାମଦର୍ଶୀ ମାନସିକତା ତନ, ମନ ଓ ଯୌବନକୁ ରଗଣ କରିଦେଉଛି । ମାଗଣା ଖାଇ ଫାଜଲାମି କରି ବୁଲିବା ଯେଉଁଠି ଯୁବବର୍ଗଙ୍କ ଅଭ୍ୟାସ ହୋଇ ଗଲାଣି ସେଇଠି ରାଜନୀତିରେ ଯୁବକଙ୍କୁ ଅପବ୍ୟବହାର କରିବା କିଛି ରାଜନେତାଙ୍କୁ ମଧ୍ୟ ସହଜ ହୋଇଯାଇଛି । ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ସେହି ଉକ୍ତି ଯେ, ସ୍ୱପ୍ନ କେବଳ ନିଜ ଆଖିରେ ଓ ବିନିଦ୍ର ନୟନରେ ଦେଖିବାକୁ ହୁଏ । ତେବେ ଅନ୍ୟର ଆଖିରେ ସ୍ୱପ୍ନକୁ ସାକାର କରିବାର ଅର୍ଥ ନିଜକୁ ଲୋକହସା କରାଇବା ହିଁ ସାର ହେବ।

ଏବେକାର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେଉଁମାନେ ଆମର ପୁରୁଖା ଓ ଅଭିଜ୍ଞ ସେମାନେ ନିଜକୁ ଦେଶ ଠାରୁ ଧୀରେଧୀରେ ଦୂରେଇ ରଖିବା । କାଦୁଅ ମାଡ଼ିବୁ କାହିଁକି ଆଉ ଗୋଡ଼ ଧୋଇବୁ କାହିଁକି, ନ୍ୟାୟରେ ନିଜର ଜ୍ଞାନ, ଦକ୍ଷତା ଓ ସାମର୍ଥ୍ୟ ଥାଇ ସୁଦ୍ଧା ସମାଜର ବିକାଶରେ ଅଂଶ ଗ୍ରହଣ ନ କରିବା ବର୍ତ୍ତମାନର ପିଢ଼ି ପାଇଁ ଅପାର କ୍ଷତି ସାଧନ କରୁଛି । ତେଣୁ ଗାଁ ଦାଣ୍ଡରେ କିମ୍ବା ସହରର ରାଜ ରାସ୍ତାରେ ନବ ପିଢ଼ିକୁ ଏକୁଟିଆ ଛାଡ଼ି ନଦେଇ ଆମ ଅଭିଜ୍ଞମାନେ ଘରୁ ବାହାରିବାର ସାହସ ଯେତେ ବେଳେ ଜୁଟାଇବେ ସେହି କ୍ଷଣି ଦେଶରେ ପରିବର୍ତ୍ତନ ଟିଏ ଉଙ୍କି ଆସିବ ବୋଲି ବିଶ୍ୱାସ କରାଯିବ।

\+ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## କବିତା କୋଣାର୍କ

### ଶୋଭାରାଜି
### ବିଶ୍ୱଭାରତୀ ପାଣିଗ୍ରାହୀ



ଧରଣୀ ରାଣୀ ଲୋ ଧରଣୀ ରାଣୀ
ମଥାରେ ତୋ ସାତ ରଙ୍ଗ ଓଢ଼ଣୀ
ଆକାଶ ଦେଇଛି ଏ ଉପହାର
ତୋର ଶୋଭା ଦିଶେ ଭାରି ସୁନ୍ଦର ।

ସବୁଜ ଶାଢ଼ୀଟା ଭାରି ମାନୁଛି
ସତେ ନୂଆ ବୋହୂ ନୂଆ ପିନ୍ଧିଛି
ଗାଈଆଳ ପିଲା ମନ ଉଚ୍ଛାଟ
ଗାଉଛି କେତେ ସେ ମହୁଲି ଗୀତ ।

କୀଟରୁ ଆରମ୍ଭି ବ୍ରହ୍ମ ପର୍ଯ୍ୟନ୍ତ
ଯେତେ ପ୍ରାଣସବୁ ତୋ ଠାରୁ ଜାତ
ସଭିଙ୍କ ପାଇଁ ତୋ ଖାଦ୍ୟ ଭଣ୍ଡାର
ମା'ବକ୍ଷେ ଯେହ୍ନେ ସ୍ତନର ଧାର ।

ଚଷାପୁଅ ହେବ ଅନ୍ନଦାତା
ବରଷା ଆସିଛି ନେଇ ବାରତା
ଗହୀରମଥାକୁ ଦିଏ ଆଉଁସି
ପାହାଡକୁ ଚାହିଁ ହେଉଛି ଖୁସି ।

ଆହା ! କି ସୁନ୍ଦର ? ଗିରି ବନାନୀ
ଝଙ୍କାରି ପଂକ୍ତି ଯେ ରାବ ଦେଲେଣି
ତୋର ଶୋଭାରାଜି ସେମିତି ଥାଉ
କବି ଦେଖି ତୋତେ ଉଚ୍ଛାଟ ହେଉ ।

ଶିକ୍ଷୟିତ୍ରୀ
ବି. ଏନ୍ ଉଚ୍ଚ ବିଦ୍ୟାଳୟ,ପଦ୍ମପୁର,
ରାୟଗଡ଼ା,
ମୋ: ୮୬୫୮୮୬୨୨୯୫

### ଅଗଷ୍ଟ ପନ୍ଦର
### ରମାକାନ୍ତ ଦାସ

ଆଜି ପବିତ୍ର ଅଗଷ୍ଟ ପନ୍ଦର
ତ୍ରିରଙ୍ଗା ଉଡଇ ଫରଫର ।
ଦେଶ ଗାଏ ଜାତୀୟ ସଙ୍ଗୀତ
ସୁନାର ଦେଶ ଆମ ଭାରତ ।

ନୀଳ ଆକାଶେ ଉଡ଼ଇ ତ୍ରିରଙ୍ଗା
ଭାରତ ମାଆ ପାଦ ଧୁଏ ଗଙ୍ଗା ।
ଶାନ୍ତି, ମୈତ୍ରୀର ବାରତା ବାଣ୍ଟିବା
ଦେଶ ସେବାରେ ଜୀବନ ଦେବା ।

ଧନ୍ୟ ସେ ବୀର ପୁରୁଷ ଗଣ
ଦେଶ ପାଇଁ ଦେଲେ ଜୀବନ ।
ଭାରତ ମାଆକୁ ଦେଲେ ସ୍ୱାଧୀନତା
ଗର୍ବେ ଉଡ଼ାଇ ତ୍ରିରଙ୍ଗା ପତାକା ।

ଗର୍ବେ କହିବା ଆମେ ଭାରତୀୟ
ଭାରତ ମାଆର ହେଉ ଜୟ ।
ଏକାଠି ହୋଇ କରିବା ଜୟଗାନ
ଗାଇବା ଆମେ ଜନଗଣ ମନ ।।
ସଭିଏଁ ମିଶି ଶପଥ ନେବା
ଭାରତ ମାଆର ଟେକ ରେଖିବା ।।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

### ଦେଶ ପାଇଁ ଗୀତଟିଏ
### ଡ. ଦୀପକ କୁମାର ମିଶ୍ର



ସମୁଦ୍ର ଯାହାର ଧୌତକରେ ପାଦ
ମସ୍ତକରେ ହିମ ଶୋହେ
ହିମାଳୟ ଠାରୁ କୁମାରୀ ପର୍ଯ୍ୟନ୍ତ
ବିବିଧତା ମନ ମୋହେ ।

ସଂସ୍କୃତି ସମ୍ପର୍ଣ୍ଣା ସ୍ୱର୍ଣ୍ଣ ଇତିହାସ
ରତ୍ନର ସମ୍ଭାର ଗର୍ଭେ
ଲୁଣ୍ଠିତ ସିନା ବୀରଗର୍ଭା ମାଟି
ହାରି ନାହିଁ ବୈଭବେ।

ଅହିଂସା ଦର୍ଶନ ସତ୍ୟର ବାରତା
ବିଶ୍ୱଶାନ୍ତି ପ୍ରତି କୋଣେ
ବୁଦ୍ଧ, ମହାବୀର, ଚୈତନ୍ୟ, ନାନକ
ସମସ୍ତଙ୍କୁ ମହୀ ଜାଣେ ।

ଫିରିଙ୍ଗୀ ଶାସନ ବିରୁଦ୍ଧରେ ଦିନେ
ତାତିଥିଲା ଏଇ ମାଟି
ଗାନ୍ଧୀ, ଗୋପବନ୍ଧୁ, ସୁଭାଷ, ନେହୁରୁ
ଛାତି ଦେଇଥିଲେ ପାତି ।

ଜାଲିଓ୍ୱାନାବାଗ ଆଜି ବି କହୁଛି
ରକ୍ତର ହୋଲି କଥା
ଇରମ ମାଟି ବା କେମିତି ଭୁଲିବ
ବୀର ଜଳାଞ୍ଜଳି ଗାଥା ।

କେତେ ବଳିଦାନର ଆହୁତି ପରେ
ଦେଶ ଯେ ସ୍ୱାଧୀନ ହେଲା
ବ୍ରିଟିଶ ଶୃଙ୍ଖଳ ଛିଣ୍ଡି ଯାଇ ଆଜି
ତ୍ରିରଙ୍ଗା ନଭେ ଉଡ଼ିଲା ।

ହୃଦୟେ ଗାଇବା ଜନଗଣମନ
ରଖିବା ମାଟିର ଟେକ
ଭାରତ ମା'ର ସୁ-ଦାୟାଦ ଆମେ
କେବେ ନଇଁବାନି ବେକ ।
ଞ୍ଜଞ୍ଜଞ୍ଜଞ୍ଜ

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ଆସିଛି ଅଗଷ୍ଟ ପନ୍ଦର...
### ରାମଚନ୍ଦ୍ର ବେହେରା



ବାର ମାସ ପରେ ନୂଆ ଆଶା ନେଇ
ଆସିଛି ଅଗଷ୍ଟ ପନ୍ଦର
ଉଠୁଛି ପଡୁଛି ସାରା ଦେଶ ଆଜି
ଗାଆଁଠୁ ସହର ବଜାର।

ତ୍ରିରଂଗା ଉଡୁଛି ନୀଳ ଆକାଶରେ
ଗାଉଛି ଅତୀତ ଗୌରବ
ଏକତାର ସୂତ୍ରେ ବାନ୍ଧି ହୋଇ ସର୍ବେ
ପାଳୁଛନ୍ତି ଏହି ପରବ।

ଦେଶର ଜନକ ଅମର ବାପୁଜୀ
ଦେଲେ ଅହିଂସାର ବାରତା
ବକ୍ସି ଜଗବନ୍ଧୁ ଜୟୀ ରାଜଗୁରୁ
ହେଲେ ଆମ ରକ୍ଷା କରତା।

ସଂଗ୍ରାମ କାଳର କଥା ଓ କାହାଣୀ
ଲୁହ ଭରିଦିଏ ଆଖିରେ
କାରାବାସେ ରହି ଅତ୍ୟାଚାର ସହି
କେତେ ଝୁଲିଥିଲେ ଫାଶିରେ।

ବୀର ସନ୍ତାନଂକ ଜନ ଆନ୍ଦୋଳନ
କରିଥିଲା ମୁକ୍ତି କାମନା
ସ୍ୱାଧୀନତା ଆମ ଜନ୍ମ ଅଧିକାର
ମିଳିଥିଲା ସହି ଯାତନା।

ଜନ-ଗଣ-ମନ ଜାତୀୟ ସଂଗୀତ
ଆସ ମିଳି ମିଶି ଗାଇବା
ଜାତୀୟ ସଂହତି ଜାତୀୟତା ଭାବ
ମନରେ ସାଇତି ରଖିବା।

ସତ୍ୟ ନ୍ୟାୟ ଧର୍ମ ହୃଦୟେ ପାଳିବା
ଦେଶ ହେବ ଆମ ମହାନ
ଦେଶ ଅଖଣ୍ଡତା ବଜାୟ ରଖିବା
ମଣିବା ନିଜକୁ ସ୍ୱାଧୀନ।

ତେନ୍ତୁଳିପଦା,ଜଗତସିଂହପୁର
ମୋ:୭୩୫୫୬୩୪୩୪୬

ଧ୍ୱନି ପ୍ରତିଧ୍ୱନି
୧୫ ଅଗଷ୍ଟ ୨୦୨୩
ବାଲେଶ୍ୱର




# ସ୍ୱାଧୀନତା ଦିବସ ବିଶେଷାଙ୍କ



## ସ୍ୱାଧୀନ ଦେଶ ଆମର
### ଜୟଶ୍ରୀ ପଟ୍ଟନାୟକ



ମାଟି ପାଣି ପବନରେ ଗୁଞ୍ଜି ଉଠଇ
ବିଜୟର ସାହାନାଇ
ଦେଶ ସ୍ୱାଧୀନତା ସବୁରି ମୁହଁରେ
ହସକୁ ଆଣିଛି ଦେଇ ।

ସାଗର ଲଙ୍ଘଇ ବେଳାଭୂମି ତାର
ଖୁସିରେ ବହେ ପବନ
ଆକାଶେ ଉଡଇ ତିନି ରଙ୍ଗ ଫଗୁ
ଓଠେ ଦେଶପ୍ରୀତି ଗାନ ।

ନାହିଁ ପରାଧୀନ ଶୃଙ୍ଖଳର ବେଡି
ସ୍ୱାଧୀନ ମୋ ଦେଶ ଆଜି
ଶାନ୍ତି, ମୈତ୍ରୀ ସଂହତି କ୍ଷେତ୍ରରେ
ବଢ଼େ ତାର ଭାବରାଜି ।

ସଂଗ୍ରାମୀଙ୍କ ସ୍ୱପ୍ନ ହୋଇଛି ପୂରଣ
ଇତିହାସ ଗାଏ ଯଶ
ବୀର ପ୍ରସବିନୀ ଭାରତ ମାଆର
ଆଜି ଗୌରବ ଦିବସ ।

ଉଡୁଛି ପତକା ତିନିରଙ୍ଗେ ଦେଖ
ବୀର ଯବାନଙ୍କ ହାତେ
ଦେଶର ଜାଗ୍ରତ ପ୍ରହରୀ ସେମାନେ
କର୍ମ ତାଙ୍କ ଦେଶ ହିତେ ।

ଭେଦ ଭାବ ଭୁଲି ଆସ ରଚିଯିବା
ନୂଆ ସପନ ଅନେକ
ଯେଉଁଠି ଥିଲେ ବି ବିଦେଶୀ କହିବେ
ଆମେ ସବୁ ଅଟୁ ଏକ ।

ଆସ ଆଜି ସର୍ବେ ନେବାରେ ଶପଥ
ତ୍ରିରଙ୍ଗାର ତଳେ ଥାଇ
ଦେଶ ପାଇଁ ସଦା କରିଯିବା ସେବା
ଦେଶର ହିତରେ ଥାଇ ।

ଗଙ୍ଗନଗର ଛକ, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ଭାରତ ମାତାର ବୀର ସନ୍ତାନ
### ନଳିନୀ ଦାଶ



ଭାରତର ବୀର ସନ୍ତାନ ଆମେରେ
ଭାରତ ଆମର ମାଆ
ବଡ଼ ହୋଇ ଦିନେ ତା ସେବା କରିବା
ରଖିବା ତାହାର ନାଆଁ ।

ବୀର ସନ୍ତାନ ଏ ଆନ୍ଦୋଳନ କରି
କେତେ ଲହୁ ଲୁହ ଢ଼ାଳି
ଭାରତମାତାର ରଖିଲେ ସମ୍ମାନ
ଦେଇଥିଲେ ପ୍ରାଣବଳି ।

ମାତା ଯଶଗାଉ ତ୍ରିରଙ୍ଗା ଉଡ଼ାଇ
ଜାତୀୟ ସଙ୍ଗୀତ ଗାଇ
ଏକତାର ମନ୍ତ୍ର ଜପିବା ସଭିଁଏ
ଆମେ ସବୁ ଭାଇ ଭାଇ ।

ଜାତି ଧର୍ମ ବର୍ଣ୍ଣ ଭେଦଭାବ ନାହିଁ
ଆମ ପବିତ୍ର ମାଟିରେ
ପରାଧନତାର ଶୃଙ୍ଖଳ ଛିଡାଇ
ସ୍ୱାଧୀନ ହେଲେ ଆମେରେ ।

ଗାନ୍ଧୀ ଗୋପବନ୍ଧୁ ନେହେରୁ ସୁଭାଷ
ଆଜାଦ୍ ସୁରେନ୍ଦ୍ରସାଏ
ରଘୁ ଦିବାକର ଲକ୍ଷ୍ମଣ ନାୟକ
ତାଙ୍କର ଗାଥାକୁ ଗାଏ ।

ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ଆମ ଦେଶର ପାଇକ
ପାଇକ ବିଦ୍ରୋହେ ବଳିଦାନ ଦେଇ
ରଖିଲେ ଦେଶର ଟେକ ।

ଆକାଶକୁ ଛୁଇଁ ତ୍ରିରଙ୍ଗା ପତାକା
ପୂଣ୍ୟର ସଙ୍ଗୀତ ଗାଏ
ଅମେରେ ସ୍ୱାଧୀନ ଆମ ସ୍ୱାଭିମାନ
ବୀର ଗାଥା ଗାଇଯାଏ ।

ଏମାଟି ଭିଜିଛି ବୀର ବଳିଦାନେ
ଧନ୍ୟ ଏ ଭାରତ ଭୂଇଁ
ଅମର ଗାଥାକୁ ସ୍ୱାଧୀନ ଦିବସେ
ଯାଇଥାଉ ନାରା ଦେଇ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ସ୍ୱାଧୀନତା ଦିବସ
### ପୀତାମ୍ବର ଦାସ

ଗରବରେ ଫୁଲେ ଛାତି,
ପାହିଛି ଅନ୍ଧାର ରାତି,
ସ୍ୱାଧୀନ ହୋଇଛି ଆମରି ଭାରତ
ହଟିଛି ଇଂରେଜ ଜାତି ।

ଅଗଷ୍ଟ ପନ୍ଦର ଆସେ,
ସ୍ୱାଧୀନ ଭାରତ ହସେ,
ସ୍ୱାଧୀନତା ଦିବସ ପାଳିବେ ସର୍ବେ
ଦେଶ ପ୍ରୀତି ହୃଦେ ଭାସେ ।

ଦେଶର ବନ୍ଦନା ଗାଇ,
ପିଲା କୌତୁହଳ ହୋଇ,
ହାତରେ ତ୍ରିରଙ୍ଗା ପତାକା ଧରିଣ
ବୁଲିବେ ହରଷ ହୋଇ ।

ସ୍ୱାଧୀନତା ସ୍ୱାଦ ମଜା,
ମନରେ ହୋଇବ ଭିଜା,
କରିବାକୁ ସେବା ଦେଶପାଇଁ ପିଲେ
ଅଙ୍କୁରିତ ହେବ ଗଜା ।

ସହିଦ ବୀରଙ୍କ ତ୍ୟାଗ,
ଗାଇବେ ଦେଖାଇ ବାଗ,
ଦେଶ ଭକ୍ତି ଗୀତ ଗାଇଣ କହିବେ
ଜାଗହେ ସଭିଏଁ ଜାଗ ।

ଗୋପାଳ ଗାଆଁ, ବାଲେଶ୍ୱର
ମୋ: ୯୪୩୭୩୪୮୭୯୧

## ତ୍ରିରଙ୍ଗା
### ଉପେନ୍ଦ୍ର ନାଥ ପାତ୍ର

ତ୍ରିରଙ୍ଗା ପତାକା ଆମକୁ ଚିହ୍ନାଏ
ଦେଶର ଜାତିର ଗଉରବ ଗାଏ,
ଜାତୀୟ ଉତ୍ସବେ ଉଚ୍ଚେ ଉଡ଼ିଥାଏ
ବିକାଶର ପଥେ ପ୍ରେରଣା ଯୋଗାଏ ।

ତିନି ରଙ୍ଗ ତା'ର ସା.ଧ.ନା. ସୂଚାଏ
ଶାଗୁଆ ଧବଳ ନାରଙ୍ଗୀ ବୁଝାଏ,
ଖଦୁଡ଼ କନାରେ ତିଆରି ସେ ହୁଏ
ମଝିରେ ଅଶୋକ ଚକ୍ର ଶୋଭାପାଏ ।

ଗାନ୍ଧୀଜୀ ଆଦର୍ଶ ଅଛି ପତାକାରେ
ସତ୍ୟ ଶାନ୍ତି ଭାବ ନିହିତ ସେଥିରେ,
ଶିଳ୍ପର ବିକାଶ ଚକ୍ରଟି ସୂଚାଏ
ଆମ ଦେଶ ଏବେ ଅଗ୍ରଗାମୀ ହୁଏ ।

ଆସିଲାଣି ଆମ ସ୍ୱାଧୀନତା ପର୍ବ
ତ୍ରିରଙ୍ଗା ଉଡ଼ାଇ ପାଳିବା ଉତ୍ସବ,
ଧ୍ୱଜା ତଳେ ରହି ଘେନିବା ଶପଥ
ଦେଶ ବିକାଶରେ ବଢ଼ାଇବା ହାତ ।

ମୁଖ୍ୟ ସଂପାଦକ- 'କେଦାରଶ୍ରୀ'
ମାର୍ଫତ୍- ତ୍ରିଦୀପ କୁମାର ପାତ୍ର,
ଷ୍ଟାର୍ ସିଟି, ପଟିଆ, ଭୁବନେଶ୍ୱର-୨୪

## କେବେ ହେବା ଆମେ ସ୍ୱାଧୀନ
### ସୁମନ ଲେଙ୍କା



ମଣିଷ ବୁଝେନି ଏଠି ମଣିଷ ପଣିଆ
ସବୁଆଡେ କୁହୁଳୁଛି ଦୁର୍ନୀତିର ଧୂଆଁ
କନ୍ୟା ଭ୍ରୁଣ ହତ୍ୟା ପୁଣି ନାରୀ ନିର୍ଯ୍ୟାତନା
ଗଣତନ୍ତ୍ର ଶାସନର ଏ କି ଭାବନା

ନାରୀ ଆଜି ନିଜ ଗୃହେ ନୁହେଁ ସୁରକ୍ଷିତ
ଅବଳା ଦୁର୍ବଳା ହୋଇ ହୁଏ ସେ ଲାଞ୍ଛିତ
କେବେ ହୁଏ ମାଆ ପୁଣି କେବେ ସେ
ଭଗିନୀ
ସ୍ୱାଧୀନ ଭାରତେ ପୁଣି ହେଲା ହିନିମାନୀ

ଧର୍ମ ନାମେ ଏଠି ପୁଣି ଚାଲେ ରାଜନୀତି
ଶୋଷଣ ଧର୍ଷଣ ସଙ୍ଗେ ପରକୀୟା ପ୍ରୀତି
ନିରୀହ ଜନତା ଏଠି ସବୁ ଦେଖୁଥାଏ
ସବୁ ଦେଖି ସବୁ ଜାଣି ଚୁପ୍ ରହିଥାଏ

ବିକାଶ ନାଁରେ ଏଠି ବିନାଶ ଚାଲିଛି
ନୀତି ନାମେ ଏଠି ପୁଣି ଅନୀତି ଚାଲିଛି
ସବୁ ସହିଯାଏ ଲୋକ ଦେଖି ଅନ୍ୟାୟର ଅସି
ନିର୍ଦ୍ଦୋଷଟା ଦଣ୍ଡ ପାଏ ଦୋଷୀ ଯାଏ ଖସି

ତ୍ରିରଙ୍ଗା ପତାକା ତଳେ ହୋଇ ଏକତ୍ରିତ
ଶପଥ କରିବା ଆମେ ହୋଇ ଭାରତର ମିତ୍ର
ଅନ୍ୟାୟ ଓ ଅନୀତିରୁ ରହିବା ଦୂରରେ
ସ୍ୱାଧୀନ ହୋଇବା ତେବେ
ଘେନ ଏହା ମନରେ ।

ଅଲଣା-୨,ବଛାଲୋ, ନାଉଗାଁ,
ଜଗତସିଂହପୁର
ମୋ : ୭୮୪୮୦୬୨୫୧୦

## ଗଉରବ ଗାଥା
### ବାବାଜୀ ଚରଣ ଜେନା



ଏ ମାଟିରୁ ମୁଠାଏ ଛୁଇଁ ଦେଲେ ଭାଇ
କହେ ଗଉରବ ଗାଥା
ଏଠି ପାହାଡ ଦେବତା ଏଠି ଦାରୁ ବି
ଦେବତା
ଏଠି ବିବାରେ ଅଛି କେତେ ମଧୁରତା

ଏଠି ମାଟିବି ଦେବତା ।
କା ଯହିଁ ଏଠି ଫୁଲ ପାଲଟଇ
ମହକ ତା ଢାଳିଦେଇ
ମହୁ ମାଛି ଯହିଁ ମହୁ ବର୍ଷା କରେ

ଏ ମାଟିର ଯଶ ଗାଇ
ଏଠି ନଦୀ ବି ଦେବତା ଏଠି ଝରଣା
ଦେବତା
ଏଠି ରହି ବାରେ ଅଛି କେତେ ମଧୁରତା
ଏଠି ମାଟିବି ଦେବତା ।

ଜହ୍ନ ତ ଯେଉଁଠି ଶୀତଳତା ଦିଏ
ସପନକୁ ବୋଲି ଦେଇ
ପବନରେ ଯହିଁ ମଳୟ ମହକ
ଜନ ମନ ନିଏ ମୋହି
ଏଠି ବାଟ ବି ଦେବତା ଏଠି ଘାଟ ବି
ଦେବତା
ଏଠି ଚଳିବାରେ ଅଛି କେତେ ମଧୁରତା

ଏଠି ମାଟି ବି ଦେବତା ।

ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ - ୪
ମୋ : ୯୪୩୭୮୩୪୭୧୯

## ମୁକ୍ତ ଭାରତ
### ବିଶ୍ୱଜିତ ପୁହାଣ



ଭାରତ ମାତାର ସନ୍ତାନ ଯେ ଆମେ
ଆମେ ତା'ର ସ୍ୱାଭିମାନ
ବୀରତ୍ୱର ରକ୍ତ ବୋହୁଛି ଶରୀରେ
ଦେବା ପାଇଁ ସ୍ୱଜୀବନ ।

ଦେଶ ସ୍ୱାର୍ଥ ପାଇଁ କରିବୁ ଲଢ଼େଇ
ଧରି ତ୍ରିରଙ୍ଗା ପତାକା
ସେନେହ ଯତନ ପୂଜନ କରିବୁ
ସାଜି ସେବକ ସେବିକା ।

ଏହି ସେହି ଦିନ ହୋଇଲୁ ସ୍ୱାଧୀନ
ଧରିଲୁ ଶାସନ ମଙ୍ଗ
ହସିଲା ଗାଇଲା ଝୁମିଲା ଭାରତ
ବିନ୍ଧ୍ୟ ଓ ଉତ୍କଳ ବଙ୍ଗ ।

ଜାଗହେ ସନ୍ତାନ ଜାଗହେ ନବୀନ
ଆଜି ସେ ଶୁଭ ଲଗନ
ମୁକ୍ତ ଭାରତର ଅଗଷ୍ଟ ପନ୍ଦର
ଅଟେ ପରା ଜନ୍ମଦିନ ।

ଏ ଦେଶର ବକ୍ଷରେ ଲଙ୍ଗଳ
ମୁନରେ
ସୁନାର ଫସଲ ଭରି
କରୁଥିବୁ ଗାନ ଜନ ଗଣ ମନ
ବୀର ସଇନିକ ପରି ।

ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ
ଛାତ୍ର
ଫକୀର ମୋହନ
ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
ମୋ: ୮୦୧୮୪୩୫୩୬୪

## ଶତବାର ସଲାମ
### ଶିବ ପ୍ରସାଦ ବାହିନୀପତି



ବାହୁନି ବାହୁନି ଭାରତୀ ଜନନୀ
କାନ୍ଦୁଛି ଫଟାଇ କଣ୍ଠ
ନକର ଶୟନ ବୀର ପୁତ୍ରଗଣ
ଆଳସ୍ୟ ବରଜି ଉଠ ।

ନିଦ୍ରା ପରିହରି ତନ୍ଦ୍ରା ତ୍ୟାଗ କରି
ବେଗେ ଧର ବୀରବେଶ
ଆତଙ୍କ କମାଣ କଲାଣି ଗର୍ଜନ
ନହୁଅ ଆଉ ଅବଶ ।

ଅସ୍ତ୍ରର ଝଙ୍କାର ତୋପର ଟଙ୍କାର
ବୋମା ତୁମୁଳ ଶବଦ
ଫଟାଉଛି କାନ ଉଠ ପୁତ୍ରଗଣ
କାହିଁକି ଭାଙ୍ଗୁନି ନିଦ ?

କରେ ଧର ଅସ୍ତ୍ର ପିନ୍ଧି ଯୁଦ୍ଧ ବସ୍ତ୍ର
ଦେଇ ସମର ହୁଙ୍କାର
ସତ୍ୟର ବିଜୟ ପାଇଁ ଦିଅ ଲୟ
ଗଡ଼ାଅ ଶତ୍ରୁର ଶିର ।

ଅସ୍ତ୍ରର ଜବାବ ଅସ୍ତ୍ରରେ ହିଁ ଦେବ
ନୋଇଁବ ନାହିଁ ଆନନ
ବଳବେଗ ନେଇ ଯାଅ ତୁମେ ଧାଇଁ
ମାଡ଼ି ଆସନ୍ତି ସଇନ ।

ଯେତେ ପରକାରେ ଜନନୀ ହକାରେ
ଆଉ କି ଉଠନ୍ତି ପୁତ
କୋଳ ଶୂନ୍ୟ କରି କଲେ ହତଶିରୀ
କାନ୍ଦଇ ଭାରତୀ ମାତ ।

କୋଟି ଜନତାର ନେତ୍ରେ ଅଶ୍ରୁଧାର
ବୀରଙ୍କ ମହାପ୍ରୟାଣେ
ତରୁ-ଲତା-ତୃଣ କରନ୍ତି ରୋଦନ
ଛାଡ଼ି ଗଲେ ବୀର କେଣେ ।

ଆମ ଏ ଦେଶର ଭାରତ ମାଟିର
ଚିର ଜାଗ୍ରତ ପ୍ରହରୀ
ଘେନ ଶତବାର ସଲାମ ଆମର
ସ୍ନେହ ପ୍ରେମର ପୂଜାରୀ ।

ସମ୍ପାଦକ - ଉଦୟ ଭାନୁ
ପ୍ରତିଷ୍ଠାତା/ମୁଖ୍ୟ ସମ୍ପାଦକ -ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୂରୀ
ମୋ: ୮୯୧୭୪୮୦୫୩୬



## ଦେଶ
### ମାନସ ରଞ୍ଜନ ମହାପାତ୍ର



ଗଙ୍ଗାକୂଳର ଶବମାନେ
ଗଛ ପରି ଉଦାସ
ମଶାଣି ଜଗିଥିବା ଚୌକିଦାରଟା
ଦେଶ ପରି ନିଖୋଜ !

ଆମେ କ'ଣ ଏଇମିତି ଚୁପଚାପ୍
ଠିଆହୋଇ
ଦେଖୁଥିବା ଦୃଶ୍ୟ
ଚା' ଦୋକାନରେ ଜମାଉଥିବା ଆଡ୍ଡା
ଓ ଚା' ବାଲା ମଇଳା କାଦୁଅରୁ
ତିଆରୁଥିବ
ଦାମିକା ଇନ୍ଧନ

କିଏ କେଉଁଠି ଅଛ, ଆସ ଭାଇ, ଆସ
କାଲି ନିଲାମ ହେବ ତୁମ ଦେଶ
କିଣିପାରିବ ଯଦି, କିଣ
ଜିଣିପାରିବ ଯଦି, ଜିଣ
ନଚେତ୍ ତା'ପରେ ଖୋଜିହେଉଥିବ
କୁଆଡ଼େ ଗଲା ମୋର ପ୍ରିୟ ଦେଶ
କେଉଁ ବଜାରରେ ହେଲା ତା'ର
ବିପଣନ
ମୋ ପ୍ରିୟ, ପ୍ରିୟତମ ଭାରତବର୍ଷ !

## ସ୍ୱାଧୀନତା
### ଭବାନୀ ଶଙ୍କର ନାୟକ



ଅଗଷ୍ଟ ପନ୍ଦର ସକାଳର
ସୁନେଲି କିରଣରେ
ସତେଜ ହୋଇ ଉଠନ୍ତି
ମଉଳି ଯାଇଥିବା ଫୁଲ ଯେତେ
ହଳଦିଆ ପତ୍ରମାନଙ୍କରେ
ଭରିଯାଏ ଗାଢ ସବୁଜିମା ।

ବାରିହୋଇ ପଡ଼େ ଅସଂଖ୍ୟ
ତତଲା ନିଶ୍ୱାସ
ସିରିସିରି ପବନରେ,
ଏ ମାଟି ଏବେବି
ଖୁବ୍ ଲାଲ୍ ଦିଶେ
ପ୍ରଶସ୍ତ ଛାତିର ତାଜା ରକ୍ତରେ ।

ନଈ, କୂଳର ବନ୍ଧନକୁ
ପ୍ରତ୍ୟାଖ୍ୟାନ କରେ,
ସମସ୍ତେ ଆଜି ବିଭୋର୍
ବଣ, ବିଲ, ପାହାଡ଼, ପକ୍ଷୀ
ସୁପ୍ତ କଙ୍କାଳର ଡ଼ାକରେ ।

ଯେବେ ସଞ୍ଜ ନଇଁ ଆସେ
ରୁଦ୍ଧ କୋଠରିରେ ପୁଣି
ଗୁପ୍ତ ବୈଠକ ବସେ
ଚକ୍ରାନ୍ତକାରୀ ଦଳଙ୍କ,
ବିଷାକ୍ତ ସାପ ଗରଳକୁ
ବାୟୁରେ ସିଞ୍ଚନ କରିବାକୁ ।
କାଳେ ସେମାନେ ପୁଣି
ଅକ୍ତିଆର କରିନେବେ
ମାଟି ଓ ଆକାଶକୁ
ବୋଲାଇବେ ଦ୍ୱିତୀୟ ଈଶ୍ୱର ।

ତାରାଟିଏ ଦିକ୍ ଦିକ୍ ଜଳୁଥାଏ
ରାତିର ଘନକୃଷ୍ଣ ଆକାଶରେ,
ବୋଧେ କେହି ଜଣେ
ପୁଣ୍ୟାତ୍ମା ପାଦ ଥାପିଛନ୍ତି
ଏ ଧରା ପୃଷ୍ଠରେ
ତମାମ୍ ଗରଳ ପାନକରିବାକୁ
ନୀଳକଣ୍ଠ ସାଜି ।

ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧

## ଅଖଣ୍ଡ ରଖିବା ଦେଶ ଆମର
### ବାଉରିବନ୍ଧୁ ଲେଙ୍କା



ସ୍ୱାଧୀନତା ସ୍ୱାଦ—
ଜାଣିବେ କିପରି ବର୍ତ୍ତମାନ ଅବା
ଆଗାମୀ କାଲିର ପିଢି ?
ଜାଣନ୍ତି କି ସିଏ କେତେ କଷ୍ଟ ହୁଏ
ପିନ୍ଧିଦେଲେ ଥରେ
ପରାଧୀନତାର ବେଡି ?

ଇତିହାସ କହେ—
ଶହ ଶହ ବର୍ଷ ପରାଧୀନ ଥିଲା
ଆମ ଏ ଭାରତବର୍ଷ ।
ଦରିଆ ସେପାରି ଇଂରେଜ
ବେପାରୀ
ଆସି କରିଥିଲା
ଏ ଦେଶକୁ ନିଜ ବଶ ?

ନଥିଲା କି ଆମ ପୂର୍ବ ପୁରୁଷଙ୍କ
ବଳ ବୀର୍ଯ୍ୟ ବୀରପଣ ?
ଛାଡିଦେଲେ ତାଙ୍କୁ ଏତେ ବଡ ଦେଶ
କରିବା ପାଇଁ ଶାସନ ?

ପ୍ରଶ୍ନର ଉତ୍ତର ଦିଶେ ଜଳ ଜଳ
ନଥିଲା ଆମ ଏକତା ।
ରାଜୁଡା ଶାସନ ଚାଲିଥିଲା ଏଠି
ରାଜ୍ୟ ରାଜ୍ୟ ମଧ୍ୟେ
ଥିଲା ଅନେକ ଭିନ୍ନତା ?

ଶହ ଶହ ବର୍ଷ ପ୍ରତୀକ୍ଷାର ଅନ୍ତେ
ହୋଇଛେ ଆମେ ସ୍ୱାଧୀନ ।
ସେଥିପାଇଁ ଲୋକ କରିଛନ୍ତି ତ୍ୟାଗ
ଦେଇଛନ୍ତି ବଳିଦାନ ?

ବଦଳିଛି ଆମ ଶାସନ ପଦ୍ଧତି
ବଦଳିଛନ୍ତି ଶାସକ ।
ଶାସନ ପାଇଁକି ପ୍ରତିନିଧି ଆଜି
ବାଛୁଛନ୍ତି ଆମ ଲୋକ ?

ବିଭିନ୍ନ ଧର୍ମର ଲୋକମାନେ ଏଠି
କରୁଛନ୍ତି ବସବାସ ।
ସଗରବେ ଆମେ ବିଶ୍ୱେ କହୁ ଆଜି
ଧର୍ମ ନିରପେକ୍ଷ ଦେଶ ?

ହେଲେ ଯେଉଁ ଐକ୍ୟ ଅଭାବ ପାଇଁକି
ଥିଲୁ ଦିନେ ପରାଧୀନ,
ସେ ଅଭାବ ଆଜି ଦେଖିବାକୁ ମିଳେ
ମନେ ଆଣେ ଆଲୋଡନ ?

ବିଚ୍ଛିନ୍ନତା ସ୍ୱର ଶୁଣାଯାଏ ଆଜି
ଅସ୍ଥିର ବିଭିନ୍ନ ପ୍ରାନ୍ତ ।
ଉତ୍ତୁଙ୍ଗ ସ୍ୱରେ ମାଗନ୍ତି ଆଜାଦୀ
ନୁହେଁ ଏ ଶୁଭ ସଂକେତ ?

ସ୍ୱାଧୀନତାବେଳେ ଧର୍ମ ଆଧାରରେ
ବିଭାଜିତ ଏହି ଦେଶ ।
ପୁନଃ ବିଭାଜନ କରିବାକୁ କେବେ
ଦେବୁନାହିଁ ଅବକାଶ ?

ଆସ ମୋର ପ୍ରିୟ
ଦେଶବାସୀ ଆଜି
ନିଅ ଏ ବଜ୍ର ଶପଥ ।
ଅଖଣ୍ଡ ରଖିବା ଦେଶକୁ
ଆମର
ସଦା ଥିବ ସୁରକ୍ଷିତ ?
ଔଔଔଔଔଔ

୯୮୫୩୫୩୫୮୪୪
ପର୍ଲ ରେସିଡେନ୍ସି,
ଦୁର୍ଗିମାଧବ ନଗର
ଭୁବନେଶ୍ୱର

## ତ୍ରୀରଙ୍ଗାର ବାର୍ତ୍ତା
### କ୍ଷିତୀଶ ଜେନା

ତିନି ରଙ୍ଗ ପାଇଁ ମୋ ନାମ ତ୍ରୀରଙ୍ଗା
ମୋତେ ଦେଶବାସୀ ପୂଜ
ଉପର ନାରଙ୍ଗୀ ମଝି ଭାଗ ଧଳା
ତଳଟି ଅଟେ ସବୁଜ ।
ନାରଙ୍ଗୀ ରଙ୍ଗଟି ସମସ୍ତଙ୍କୁ ଦିଏ
ବୀରତ୍ୱ, ତ୍ୟାଗର ବାର୍ତ୍ତା
ଧଳା ରଙ୍ଗ ବାର୍ତ୍ତା ଅଟଇ ପିଲାଏ
ସତ୍ୟ, ଶାନ୍ତି, ପବିତ୍ରତା ।
ଗାଢ଼ ନୀଳ ରଙ୍ଗ ଅଶୋକ ଚକ୍ରଟି
ଧଳା ରଙ୍ଗ ମଧ୍ୟେ ରହି
ନ୍ୟାୟ,ଧର୍ମ ତଥା ପ୍ରଗତି ସୂଚାଏ
ଶୋଭାକୁ ବଢ଼ାଏ ସେହି ।
ଚବିଶି ଅରଟି ଚବିଶି ଧର୍ମକୁ
ଦିଅଇ ସମ ସୀକୃତି
ସବୁଜ ରଙ୍ଗର ବାର୍ତ୍ତା ଅଟେ ପରା
ବିଶ୍ୱାସ, ଶ୍ରମ, ସମୃଦ୍ଧି ।
ଦୈର୍ଘ୍ୟଟି ପ୍ରସ୍ଥର ଦେଢ଼ ଗୁଣ ମୋର
ଅଟେ ମୁଁ ଆୟତାକାର
ଜାତୀୟ ଦିବସେ ଉଡୁଛି ଆଗକୁ
ଉଡୁଥିବି ଫର୍ ଫର୍ ।
କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ: ୭୮୭୩୫୧୦୦୨୭

# ସ୍ୱାଧୀନତା ଆନ୍ଦୋଳନରେ ବିଦେଶିନୀ



ଡ଼ଃ.ଅରୁନ୍ଧତୀ ଦେବୀ



ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ । ଚଳିତ ବର୍ଷ ଭାରତ ସ୍ୱାଧୀନତା ଦିବସର ୭୭ବର୍ଷର ପୂର୍ତ୍ତି ଅନୁଷ୍ଠିତ ହେବାକୁ ଯାଉଛି । ଭାରତର ଭୂଇଁ ବିଦେଶୀ ବିଦେଶିନୀମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି । ସେଭଳି ଚିରନ୍ତନ ଆକର୍ଷଣ ଏଡ଼ାଇ ନପାରି ଅନେକ ରହିଯାଇଛନ୍ତି ଭାରତରେ । ମିଶିଯାଇଛନ୍ତି ଭାରତୀୟ ସମାଜ-ସଂସ୍କୃତି ଭିତରେ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳେ ଏକାଧିକ ବିଦେଶୀ ମହିଳା 'ଭାରତ' ନାମକ ମାୟାରେ ପଡ଼ି ସେଥିରେ ସାମିଲ ହୋଇଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ରହିଛି । ଆସ ସେଭଳି କେତେ ଜଣ ବିପ୍ଳବିନୀଙ୍କୁ ଜାଣିବା ।

ଭଉଣୀ ନିବେଦିତା : ତାଙ୍କର ମୂଳ ନାମ ମାର୍ଗାରେଟ୍ ଏଲିଜାବେଥ୍ ନୋବେଲ୍ ଏବଂ ଜାତୀୟତା ଆଇରିସ୍ । ଆୟାରଲାଣ୍ଡର ଏକ ସଂଭ୍ରାନ୍ତ ପରିବାରରେ ଜନ୍ମିତ ନିବେଦିତା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭାବେ ସର୍ବତ୍ର ଜଣାଶୁଣା । ସ୍ୱାମୀଜି ହିଁ ତାଙ୍କୁ ଦେଇଥିଲେ 'ନିବେଦିତା' ନାମ । ରାମକୃଷ୍ଣ ମିସନ୍ ମଧ୍ୟରେ ରହି ସେ ଭାରତରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ କଳାପରେ ସାମିଲ କରିଥିଲେ ନିଜକୁ । ଫିରଙ୍ଗୀ ପୁଲିସ୍ କବଳରୁ ବର୍ତ୍ତିବା ପାଇଁ ଦେଶତ୍ୟାଗ କରିବା ନିମନ୍ତେ ସେ ଶ୍ରୀ ଅରବିନ୍ଦଙ୍କୁ ପ୍ରଭାବିତ କରିଥିଲେ । ପୁଣି ତାଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗୀନ' ପତ୍ରିକାର ସଂପାଦନା ଦାୟିତ୍ୱ ନେଇଥିଲେ ।

ଆଗ୍ନେସ୍ ସ୍ମେଡଲେ : କୁହାଯାଏ ଆଗ୍ନେସ୍ ହେଉଛନ୍ତି ପ୍ରଥମ ବିଦେଶିନୀ ଯିଏ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପରୋକ୍ଷ ଭାବେ ଜଡ଼ିତ ହୋଇ କାରାଦଣ୍ଡ ଭୋଗିଥିଲେ ଆମେରିକାରେ । ଏହି ନାମଟି ସହ ଭାରତୀୟମାନେ ବିଶେଷ ଭାବେ ପରିଚିତ ନ ଥିଲେ ହେଁ ଏକଦା ସେ ଭାରତୀୟ ବିପ୍ଳବୀ ଲାଲ ଲାଜପତ୍ ରାଏ, ଶୈଳେନ୍ଦ୍ରନାଥ ଘୋଷ, ଭାଇ ଭଗବାନ ସିଂ, ତରକନାଥ ଦାସ, ବୀରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଆଦିଙ୍କ ସହ ସଂପର୍କିତ ଥିଲେ, ସେମାନଙ୍କ ସହ ଆଲୋଚନାରେ ଭାଗନେବା ଠାରୁ ଆରମ୍ଭ କରି ନିଜର ଜନ୍ମଭୂମି ଆମେରିକାରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ-କଳାପରେ ସଂପୃକ୍ତ ଥିଲେ । ବୀରେନ୍ଦ୍ରନାଥଙ୍କ ସହ ଜର୍ମାନି, ରୁଷିଆ ଆଦି ଘୁରି ବୁଲି ସେ ଭାରତର ସ୍ୱାଧୀନତା ସପକ୍ଷରେ ସେଠାକାର ଶାସକମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଥିଲେ ।

ଆନିବେସାନ୍ତ : ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତି ଥିବା ଆଉ ଜଣେ ବିଦେଶିନୀ ହେଲେ ଆନି ଉଡ୍ ଓରଫ ଆନି ବେସାନ୍ତ । ଲଣ୍ଡନ ଜନ୍ମିତ ଆନି ସତଚାଳିଶ ବର୍ଷ ବୟସରେ ଭାରତରେ ପଦାର୍ପଣ କରିଥିଲେ । ପ୍ରାରମ୍ଭିକ ସ୍ତରରେ ଭାରତରେ ସାମାଜିକ ସଂସ୍କାର ଏବଂ ଶିକ୍ଷାର ପ୍ରସାର ଆଦି କ୍ଷେତ୍ରରେ ସେ କାର୍ଯ୍ୟ କରିଥିଲେ । ପରେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଦାବି କରି ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିଥିଲେ । ତାହା ଥିଲା 'ହୋମ୍-ରୁଲ୍ ମୁଭମେଣ୍ଟ' । 'ନିଉ ଇଣ୍ଡିଆ' ପତ୍ରିକାରେ ସେ ନିୟମିତ ଭାବେ ବ୍ରିଟିସ୍ ସରକାର ବିରୋଧରେ ଲେଖୁଥିଲେ । ତାଙ୍କୁ ଗିରଫ କରି କିଛି ଦିନ କାରାଗାରରେ ଅଟକ ମଧ ରଖାଯାଇଥିଲା । ୧୯୧୭ କଲିକତା ଜାତୀୟ କଂଗ୍ରେସରେ ତାଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା ।

ମୀରାବେନ୍ : ମୀରାବେନ୍‌ଙ୍କ ମୂଳ ନାଁ ମ୍ୟାଡେଲିନ୍ ସ୍ଲାଡ୍ । ମ୍ୟାଡେଲିନ୍ ଜନ୍ମ ହୋଇଥିଲେ ଲଣ୍ଡନରେ ଜନୈକ ବ୍ରିଟିସ୍ ନୌ-ସେନାଧକ୍ଷ ସାର୍ ଏଡ଼ମଣ୍ଡ ସ୍ଲାଡ଼୍‌ଙ୍କ କନ୍ୟା ଭାବେ । ଉଚ୍ଚ ପଦସ୍ଥ ଇଂଲିସ୍ କର୍ମଚାରୀଙ୍କର ଏହି ଗେହ୍ଲୀ ଝିଅ ଶୈଶବରେ ମହାତ୍ମାଙ୍କ ଏକ ଲେଖା ପଢ଼ି ତାଙ୍କ ଆଦର୍ଶରେ ପରିଚାଳିତ ହୋଇଥିଲେ । ପରେ ସେ ଭାରତକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ମହାତ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ମ୍ୟାଡେଲିନ୍ ଏକାଧିକ ଥର ଜେଲ ଯାଇଥିଲେ । ମହାତ୍ମା ତାଙ୍କୁ 'ମୀରା' ନାମ ଦେଇଥିଲେ । ସାବରମତୀ ଆଶ୍ରମରେ ତାଙ୍କର ସମୟ କଟୁଥିଲା । ଭାରତ ଆସିବା ପରେ ଶାଢ଼ିକୁ ସେ ନିଜର ପରିଧେୟ ଭାବେ ଗ୍ରହଣ କରିଥିଲେ । ମହାତ୍ମାଙ୍କ ମୃତ୍ୟୁ ପରେ ସେ କିଛି ବର୍ଷ ଋଷିକେଶରେ ରହିବା ପରେ ଅଷ୍ଟ୍ରିଆ ଚାଲିଯାଇଥିଲେ ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


# ସ୍ୱାଧୀନତାର ଅନୁଚିନ୍ତା

ବାଦଲ ଭୂୟାଁ



ସ୍ୱାଧୀନତାର ୭୭ ବର୍ଷ ପରିପ୍ରେକ୍ଷୀରେ ଦେଶବ୍ୟାପୀ ମହମବତୀ ସ୍ୱାଧୀନତା ପଦଯାତ୍ରା, ମନ୍ତ୍ରୀ, ଲୋକପ୍ରତିନିଧିମାନଙ୍କ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନର ସ୍ମାରକୀସ୍ଥଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀର ପରିଦର୍ଶନ, ଶହୀଦ, ସ୍ୱାଧୀନତା ସଂଗ୍ରାମୀ ଜ୍ଞାତି ପରିଜନକୁ ସମ୍ବର୍ଦ୍ଧନା ଆୟୋଜିତ ହେବ । ସ୍ୱାଧୀନତାର ମୂଲ୍ୟ ଆଜି ଭାରତୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଛତ୍ରେ ଛତ୍ରେ ଅନୁଭୂତ । ସହର ଠାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନତା, ବିଗତ ୭୭ବର୍ଷ ମଧ୍ୟରେ ସ୍ୱାଧୀନତାର ସୁଫଳକୁ ଉପଲବ୍ଧ କରିଛନ୍ତି । ଭାରତ, ୧୯୪୭ ମସିହାରେ ଯେଉଁ ସ୍ଥିତିରେ ଥିଲା, ସେହି ସ୍ଥିତିରେ ଆଜି ବିରାଟ ପରିବର୍ତ୍ତନ ଘଟିଛି । ବିଶ୍ୱର ପ୍ରଗତିଶୀଳ ଦେଶମାନଙ୍କ ମଧ୍ୟରେ ଭାରତର ସ୍ଥାନ ଉଚ୍ଚରେ । ଅର୍ଥନୀତି ବିଶାରଦଙ୍କ ମତରେ ୨୦୩୦ ସୁଦ୍ଧା, ଭାରତ ବିଶ୍ୱର ସମୃଦ୍ଧ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ଥାନ ପାଇବ । ଲୋକସଂଖ୍ୟା ଦୃଷ୍ଟିରୁ ଦେଶର ପ୍ରାୟ ୫୦ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୨୫ ବର୍ଷରୁ ୩୦ ବର୍ଷ ମଧ୍ୟରେ । ୬୫ ପ୍ରତିଶତ ଜନସଂଖ୍ୟା ବୟସ ୪୫ ବର୍ଷ ମଧ୍ୟରେ । ଏତେ ସଂଖ୍ୟକ ଯୁବ ମାନବ ସମ୍ବଳ, ବିଶ୍ୱର କୌଣସି ଦେଶରେ ଦେଖାଯାଏ ନାହିଁ । ଭାରତ ଯଦି ତାର ମାନବ ସମ୍ବଳକୁ ଉପଯୁକ୍ତ ଭାବେ ଆଗାମୀ ଦିନରେ ନିୟୋଜିତ କରିପାରିବ, ତେବେ ସବୁ ଦିଗରେ ଭାରତ ଏକ ସମୃଦ୍ଧ ତଥା ଅତ୍ୟାଧୁନିକ ଦେଶ । ଆଜି ପ୍ରତିରକ୍ଷା କ୍ଷେତ୍ରରେ କାହାକୁ ଭୟ କରିବା ନାହିଁ । ଆଣବିକ ଅସ୍ତ୍ରଶସ୍ତ୍ରରେ ଆଜି ଆମେ ସୁସଜ୍ଜିତ । ଅର୍ଥନୈତିକ ସାମ୍ୟବାଦ ଠାରୁ ଆରମ୍ଭ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ପର୍ଯ୍ୟନ୍ତ, ସମସ୍ତ ଦିଗକୁ ସମଭାବରେ ପ୍ରତିଷ୍ଠା କରିବା ପାଇଁ ଆଜି ଆମେ ଧାରାବାହିକ ଭାବେ ଉଦ୍ୟମ କରି ଆସୁଛୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱାଧୀନତା ଦିବସ ଅବସରରେ, ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି 'ବିକାଶ ପଥରେ ଆଗେଇ ନେବା ଲାଗି, ଆମକୁ କାନ୍ଧରେ କାନ୍ଧ ମିଶାଇ, ଏକତା ବଜାୟ ରଖି କାର୍ଯ୍ୟ କରିବା ଆବଶ୍ୟକ ।' ଆମ ରାଜ୍ୟ ଓଡ଼ିଶା ମଧ ପ୍ରଗତି ପଥରେ, ପଛରେ ପଡ଼ିନାହିଁ । ଖାଦ୍ୟଶସ୍ୟ ଉତ୍ପାଦନରେ, ବିଗତ ୫ବର୍ଷ ଧରି ଜାତୀୟ ସ୍ତରରେ ଚାରି ଚାରିଥର କୃଷିକର୍ମଣ ପୁରସ୍କାର ପାଇବାକୁ ସକ୍ଷମ ହୋଇଛି । କୃଷି ଓ କୃଷକଙ୍କ ଉନ୍ନତି କଳ୍ପେ କୃଷି ଯନ୍ତ୍ରପାତିରେ ୫୦ରୁ ୭୦ ପ୍ରତିଶତ ରିହାତି ଦେଇଛି । ରାଜ୍ୟରେ ୨୩୪୮ ଗୋଷ୍ଠୀ ଖଳା ନିର୍ମାଣ କରିଛି । ୧୯୩୬ଟି ଉଠା ଜଳସେଚନକୁ ସଚଳ କରିଛି । କେବଳ କୃଷିକ୍ଷେତ୍ରରେ ନୁହେଁ, ସାମୁହିକ ବିକାଶ ମୁଖ୍ୟତଃ ଅନୁସୂଚିତ ଜାତି, ଜନଜାତି ଏବଂ ଆର୍ଥିକ ଦୃଷ୍ଟିରୁ ଗରିବ ପରିବାରମାନଙ୍କ ପାଇଁ ବହୁ ଜନକଲ୍ୟାଣ ଯୋଜନା, ରାଜ୍ୟରେ



କାର୍ଯ୍ୟକାରୀ ଏଥିମଧ୍ୟରେ କରିଛନ୍ତି । ବରିଷ୍ଠ ନାଗରିକମାନଙ୍କ ସୁବିଧା ଲାଗି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଠାରୁ ସେମାନଙ୍କୁ ସହର ଏବଂ ଗ୍ରାମାଞ୍ଚଳରେ ସୁରକ୍ଷା ଦେବାଲାଗି, ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ପାଇଁ ସରକାର ଖାଦ୍ୟ ସୁରକ୍ଷା ଆଇନରେ ଖାଦ୍ୟ ଯୋଜନା, ସହରମାନଙ୍କରେ ଆହାର କେନ୍ଦ୍ର ଯୋଜନା କରିଛନ୍ତି । ଗରିବ ପରିବାରକୁ ପକ୍କା ଘର ଏବଂ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ପାଇଁ ବିଜୁ ପକ୍କାଘର ଆବାସ ଯୋଜନା, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଯାତାୟତର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ସହ ବିଜୁ ସେତୁ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାନ କରିଛନ୍ତି । ସାଧାରଣରେ ଏକ ସ୍ୱାଧୀନ ଦେଶର ନାଗରିକମାନଙ୍କ ସମ୍ମାନର ସହ ବଞ୍ଚିବା ପାଇଁ ଏ ସମସ୍ତ ଅତ୍ୟାବଶ୍ୟକୀୟ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗତ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିରେ ଆଜି ନଗଡ଼ା ଭଳି ଗ୍ରାମ ଗୋଟିଏ ନୁହେଁ ଶହ ଶହ ସଂଖ୍ୟାରେ ଅଛି, ଯେଉଁଠି ଶିଶୁମାନେ ପୁଷ୍ଟିକର ଖାଦ୍ୟ ନପାଇ ମୃତ୍ୟୁବରଣ କରୁଛନ୍ତି । ଗ୍ରୀଷ୍ମଦିନେ, ବିଶୁଦ୍ଧ ପାଣି ନୁହେଁ, ପାଣି ଟୋପାଏ ପାଇଁ ମହିଳାମାନେ ମୁଣ୍ଡରେ ଗରା, ମାଠିଆ ଧରି ମାଇଲ ମାଇଲ ଯାଇଥାନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ନିକଟରେ ପହଞ୍ଚି ପାରି ନଥିବାରୁ ଶିଶୁ ଏବଂ ମାତୃ ମୃତ୍ୟୁହାର ସବୁଠାରୁ ବେଶୀ । ଦୀର୍ଘ ଦିନ ଧରି ଗରିବ ହଟେଇବା ଲାଗି, ସରକାର ଚେଷ୍ଟିତ ମାତ୍ର, ଗରିବ ହଟୁ ନାହିଁ । ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକସଂଖ୍ୟା ୩୬ ପ୍ରତିଶତରୁ ଉର୍ଦ୍ଧ୍ୱ । ଯେଉଁ ସବୁ ଜନମଙ୍ଗଳ ଯୋଜନା କାର୍ଯ୍ୟକାରୀ ହେଉଛି ସେ ଯୋଜନାର ଅର୍ଥ, ବହୁଳ ଭାବେ ବାଟମାରଣା ହେଉଛି । ସରକାର ଦୁର୍ନୀତିକୁ ନିୟନ୍ତ୍ରଣ କରି ପାରୁ ନାହାନ୍ତି । ଗ୍ରାମାଞ୍ଚଳରେ, ଏସବୁ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଯେଉଁମାନେ ନିୟୋଜିତ, ସେମାନେ ପ୍ରାୟ ଦୁର୍ନୀତି ଗ୍ରସ୍ତ । ପ୍ରତ୍ୟେକ ଦିନ, ଭିଜିଲାନ୍ସ ରେଡ ହ୍ୟାଣ୍ଡେଡ ଧରିବା ସମ୍ବାଦ ଏହା ପ୍ରମାଣ କରୁଛି । ରାଜନୈତିକ ନେତାମାନଙ୍କ ପ୍ରଚ୍ଛନ୍ନହାତ ଚିଟ୍‌ଫଣ୍ଡ ଦୁର୍ନୀତିରେ ସଂପୃକ୍ତ ଥିବା ଯୋଗୁଁ ବିଗତ ଦୁଇ ବର୍ଷ ଭିତରେ ବହୁ ଚିଟଫଣ୍ଡ ଦୁର୍ନୀତିରେ ସଂପୃକ୍ତ ଯେଉଁମାନେ ପ୍ରାୟ ୨୦ ଲକ୍ଷ ଜନତାଙ୍କୁ ରାଜ୍ୟରେ ଠକିଛନ୍ତି, ସେମାନେ ଏ ପର୍ଯ୍ୟନ୍ତ ଦଣ୍ଡ ପାଇଲେନି କି ଜମାକାରୀ ସେମାନଙ୍କ ଟଙ୍କା ଫେରସ୍ତ ପାଇଲେନି । ଚିଟ୍‌ଫଣ୍ଡ ଦୁର୍ନୀତିର ଅବସାନ ଘଟୁନି । ଖଣି ଦୁର୍ନୀତିରେ ସଂପୃକ୍ତ ଧନୀକ ଗୋଷ୍ଠୀ, ଦଣ୍ଡିତ ହେଲେ ନାହିଁ । ରାଜ୍ୟରେ ମାଓବାଦୀ ଯଦିଓ ବହୁଳ ଭାବେ ନିଷ୍କ୍ରିୟ ତଥାପି ୧୦ରୁ ଅଧିକ ଜିଲ୍ଲାରେ ଏମାନେ ସକ୍ରିୟ । ମହିଳାମାନଙ୍କୁ ନେଇ ଅପରାଧ ବୃଦ୍ଧି ପାଉଛି । ନାରୀ ନିର୍ଯ୍ୟାତନା, ଧର୍ମ ନାମରେ ବ୍ୟଭିଚାରରେ ସଂପୃକ୍ତ ଅପରାଧୀମାନେ ଦଣ୍ଡ ପାଉ ନାହାନ୍ତି । କେତେଦିନ ହେଲା ମହାନଦୀ ଜଳକୁ ନେଇ, ରାଜନୈତିକ ଦଳ ଭିତରେ ଟଣା ଓଟରା ଚାଲିଛି । ଦଳ ଭିତରେ ରାଜ୍ୟର ସମସ୍ୟାକୁ ନେଇ ଏକତା ନାହିଁ । ଦୁର୍ନୀତିର ବ୍ୟାପକତା ନେତୃତ୍ୱର ଅସହାୟତା, ଜାତୀୟ ସ୍ତରରେ ଗୋ ସୁରକ୍ଷାକୁ ନେଇ ମତାନ୍ତର, କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ହସ୍ତକ୍ଷେପ, ଦେଶବାସୀ ଆଜି ୭୭ତମ ସ୍ୱାଧୀନତା ଦିବସ ଅବସରରେ ସମୀକ୍ଷା କରନ୍ତୁ - ସୁସ୍ଥ, ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ସମାଜ ପାଇଁ ଆମେ କଣ ଚାହୁଁ ?


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


## ଭାରତମାତା କୀ ଜୟ

ନୀଳମଣି ଚାନ୍ଦ



ମିଶି ଜନ-ଗଣ -ମନ ସଙ୍ଗୀତକୁ
ଦ୍ୱୋ ଆମେ ଗାନ କରି
ଧାଡ଼ିରେ ଚାଲିବା ଏ ଗୀତ ବୋଲିବା
ହାତରେ ତ୍ରିରଙ୍ଗା ଧରି ।

ଜୟହିନ୍ଦ୍,ବନ୍ଦେ ମାତରମ୍
ସ୍ଲୋଗାନ୍ ଆମେରେ ଦେବା
ପ୍ରଭାତଫେରିରେ ଗାଆଁ ବୁଲିବାର
ସୁଯୋଗ ଆସରେ ନେବା ।

ଆସିଛି ଆଜିରେ ଅଗଷ୍ଟ ପନ୍ଦର
ଜାତୀୟପରବ ଆମ
ସିଏ ସ୍ୱାଧୀନତା ଦିବସ ବୋଲିରେ
କମ୍ପେ ଦିଲ୍ଲୀ ପଲ୍ଲୀ ଗ୍ରାମ ।

ଛଅଷ୍ଠୋରି ବର୍ଷ ତଳେ ଏଇ ଦିନ
ଭାରତ ସ୍ୱାଧୀନ ହେଲା
ଦେଶ ମାଟି ଛାଡ଼ି ଫିରିଙ୍ଗୀ ଶାସକ
ସେଦିନ ବିଦାୟ ନେଲା ।

ସ୍ୱାଧୀନ ଦେଶର ସନ୍ତାନ ଆମେ
ଏଇ ଆମ ପରିଚୟ
ଜାତିପ୍ରେମ୍‌ବହ୍ନି ଜାଳି ଦେବା ଗାଇ
ଭାରତମାତା କୀ ଜୟ ।


ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭




# ପରଦାରେ ଦେଶପ୍ରେମ

ନାଟ୍ୟସାରଥି ଅଭୟ କୁମାର ଦାସ

ଭାରତୀୟ ସ୍ୱାଧୀନତା ସଂଗ୍ରାମର କାହାଣୀ ଓ ଘଟଣାବଳୀ ଜନସାଧାରଣଙ୍କ ଭାବପ୍ରବଣତାରେ ମିଶିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆଉ ସବୁଠାରୁ ବଡ଼କଥା ହେଉଛି ଦେଶପ୍ରେମ ଠାରୁ ବଡ଼ ଭାବପ୍ରବଣତା ବୋଧେ ଆଉ କିଛି ନାହିଁ । କଳାଧଳା ଜମାନାରେ ଦେଶପ୍ରେମକୁ ନେଇ ୧୯୨୫ରେ ସର୍ବପ୍ରଥମ ତିଆରି ହୋଇଥିଲା ଚଳଚ୍ଚିତ୍ର 'ଚରଖା' ଓ 'ବୀର କୁନାଲ' ସେହିପରି ପରେ ପରେ ଆସିଥିଲା 'ବାଘୁଆ ଝଣ୍ଡା' ଯାହାକି ୧୯୨୬ରେ ତିଆରି ହୋଇଥିଲା । ଦେଶପ୍ରେମର ଝଲକ ଦେଖାଯାଇଥିଲା ୧୯୨୯ରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଫ୍ଲାଗ୍ ଅଫ୍ ଅନର୍' କେବଳ ସେତିକି ନୁହେଁ ପଛକୁ ପଛ ଥିଲା ୧୯୩୦ରେ ତିଆରି ହୋଇଥିବା 'ପାଟ୍ରିୟଟ୍', ୧୯୩୧ରେ 'ଦି ବ୍ୟାଟେଲ୍' ଓ ୧୯୩୨ରେ 'ହିନ୍ଦୁସ୍ତାନ' ଓ ୧୯୩୩ରେ 'ଭାରତବୀର' । କଳାଧଳା ଜମାନାର ପରବର୍ତ୍ତୀ ସମୟରେ ରଙ୍ଗୀନ ଚଳଚ୍ଚିତ୍ର ମଧ୍ୟରେ ଥିଲା 'ହକିକତ୍' । ୧୯୬୨ରେ ମୁକ୍ତିଲାଭ କରିଥିବା ଚେତନ୍ ଆନନ୍ଦଙ୍କ ଏହି ଫିଲ୍ମ ପର୍ଯ୍ୟବେସିତ ଥିଲା ଭାରତ ଓ ଚୀନର ଯୁଦ୍ଧକୁ ନେଇ । ଏହି ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭୂମିକାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏକ ସ୍ୱତନ୍ତ୍ର ଭୂମିକାରେ ଅଭିନୟ କରିଥିଲେ । ପରବର୍ତ୍ତୀ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କ 'ଜୟ ଜବାନ, ଜୟ କିଶାନ' ସ୍ଲୋଗାନକୁ ନେଇ ମନୋଜ କୁମାର ଦେଶପ୍ରେମ ଓ ଭାରତୀୟତାର କାହାଣୀକୁ ନେଇ ତିଆରି କରିଥିଲେ 'ଉପ୍‌କାର' ସୂଚନାଯୋଗ୍ୟ ଏହି ଚଳଚ୍ଚିତ୍ରର 'ମେରେ ଦେଶ୍ କି ଧରତି......' ଗୀତଟି ସ୍ମରଣୀୟ ହୋଇ ଏଯାବତ୍ ରହିଛି । ୧୯୬୫ରେ ପାକିସ୍ଥାନ ଭାରତର ଯୁଦ୍ଧ ଘଟଣାକୁ ନେଇ ମୁକ୍ତିଲାଭ କରିଥିଲା 'ପ୍ରେମପୂଜାରୀ' ସେହି ବର୍ଷ ଓଁପ୍ରକାଶ ଭାରତୀୟ ସୈନିକଙ୍କ ଉତ୍ସର୍ଗୀକୃତ ଜୀବନ କାହାଣୀକୁ ନେଇ ମୁକ୍ତି ଲାଭ କରିଥିଲେ 'ଆକ୍ରମଣ' । ୧୯୮୧ରେ ମନୋଜ କୁମାରଙ୍କ 'କ୍ରାନ୍ତୀ' ଚଳଚ୍ଚିତ୍ର ହାଇବଜେଟ୍ ଓ ସୁପରହିଟ୍ ଚଳଚ୍ଚିତ୍ର ଥିଲା । ୧୯୮୧ରେ ବିଶିଷ୍ଟ ନିର୍ମାତା ମନ୍‌ମୋହନ ଦେଶାଇ ଅମିତାଭ ବଚ୍ଚନଙ୍କ ଡବଲରୋଲ୍‌ରେ ନିର୍ମାଣ କରିଥିଲେ ଚଳଚ୍ଚିତ୍ର 'ଦେଶପ୍ରେମୀ' । ସୁଭାଷ ଘାଇ ୧୯୮୬ରେ ନିର୍ମାଣ କରିଥିଲେ ଦିଲ୍ଲୀପ କୁମାର ଓ ଅନୁପେଙ୍ଖରଙ୍କୁ ନେଇ 'କର୍ମା' । ଏହି ଚଳଚ୍ଚିତ୍ରର କାଳଜୟୀ ଗୀତଟି ରହିଥିଲା 'ଦିଲ୍ ଦିଆ ହେ ଜାନ୍ ଭି ଦେଙ୍ଗେ....' । ୧୯୯୩ରେ 'ରୋଜା' ଚଳଚ୍ଚିତ୍ର କାଶ୍ମୀରରେ ଆତଙ୍କବାଦୀଙ୍କ କାହାଣୀକୁ ନେଇ ଭାରତୀୟ ସେନାର ସଫଳତାର କାହାଣୀ ପ୍ରକାଶ କରିଥିଲା । ୧୯୯୪ରେ ନାନା ପାଟକରେଙ୍କ ଅଭିନୀତ 'କ୍ରାନ୍ତିବୀର', '୧୯୪୨ ଏ ଲଭ୍ ଷ୍ଟୋରୀ' ବିନୋଦ ଚୋପ୍ରାଙ୍କ ଦେଶପ୍ରେମର କାହାଣୀରେ ଶେଷ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଆର.ଡ଼ି.ବର୍ମନ୍ । ବଲିଉଡ଼ର ଯୁଦ୍ଧ ଫିଲ୍ମ ଭିତରେ ଚର୍ଚ୍ଚିତ 'ବଡ଼ର'କୁ ନିର୍ମାଣ କରିଥିଲେ ଜେପି ଦତ୍ତା । 'ସନ୍ଦେଶ ଆତେ ହୈ...' ଗୀତଟି ଦର୍ଶକଙ୍କ ଭିଜା ଆଖିରେ ଯୁଦ୍ଧଭୂମିର ଭାରତୀୟ ଜବାନ୍‌ଙ୍କ ବୀରତ୍ୱର କାହାଣୀକୁ ପରିସ୍ଫୁଟିତ କରିଥିଲା । ସେହିପରି ୧୯୯୯ର 'ସରଫୋର୍ସ', ଶାହାରୁଖ ଖାଁଙ୍କ ଅଭିନୀତ 'ଫିର ବି ଦିଲ୍ ହେ ହିନ୍ଦୁସ୍ଥାନୀ', ୨୦୦୧ର 'ଲଗାନ୍' ଓ 'ଗଦର' । ସନ୍ନିଦେଓଲଙ୍କ ଦମ୍‌ଦାର ଅଭିନୟ ଏଥିରେ କରିଥିଲେ । ବିଶାଳ ଷ୍ଟାରକାଷ୍ଟ ଓ କାର୍ଗିଲ୍ ଯୁଦ୍ଧ କାହାଣୀକୁ ନେଇ ତିଆରି ହୋଇଥିଲା ୨୦୦୩ରେ 'ଏଲ୍.ଓ.ସି.' । ଏହା ବ୍ୟତୀତ ସ୍ୱାଧୀନତା ସଂଗ୍ରାମର କାହାଣୀକୁ ନେଇ ତିଆରି ହୋଇଥିବା ଚଳଚ୍ଚିତ୍ର ବି ଥିଲା 'ଲିଜ୍‌ଣ୍ଡେ ଅଫ୍ ଭଗତ୍‌ସିଂ' ଓ 'ଶହୀଦ୍ ଭଗତସିଂ' । ୨୦୧୦ରେ ଶାହାରୁକ୍ ଖାଁଙ୍କ ଅଭିନୀତ 'ଚକ୍ ଦେ ଇଣ୍ଡିଆ' ମଧ୍ୟ ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା । ସେହିପରି ସଞ୍ଜୟଦତ୍ତଙ୍କ 'ଲଗେରହୋ ମୁନ୍ନା ଭାଇ'କୁ ଦେଶପ୍ରେମର ଚଳଚ୍ଚିତ୍ର ଭାବରେ ମଧ ଦର୍ଶକ ଗ୍ରହଣ କରିଛନ୍ତି । ଭାରତୀୟ ଚଳଚ୍ଚିତ୍ରରେ ସମ୍ପ୍ରତି କଳାତ୍ମକ ସିନେମା ଅପେକ୍ଷା ବ୍ୟବସାୟିକ ଚଳଚ୍ଚିତ୍ର ଦର୍ଶକଙ୍କ ଦ୍ୱାରା ଗ୍ରହଣୀ ହେଉଛି । ପାରିବାରିକ କାହାଣୀ, ଗ୍ରାମ୍ୟ ଜୀବନଶୈଳୀ ଅପେକ୍ଷା ଧୁମ୍‌ଧଡ଼କା ଫାଇଟିଂ, ଲଭ୍‌ଷ୍ଟୋରୀ ଓ କମେଡ଼ି ସଂପ୍ରତି ଦର୍ଶକ ମାନଙ୍କୁ ପ୍ରାୟତଃ ସିନେମା ହଲ୍‌କୁ ଟାଣି ପାରୁଥିବା ବେଳେ ଦେଶପ୍ରେମକୁ ନେଇ ଚଳଚ୍ଚିତ୍ର ଫ୍ଲପ୍ ହେବାର ସେପରି ନଜରି ନାହିଁ । ସ୍ୱାଧୀନତା ସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନ ଓ ଭାରତୀୟ ଜବାନ୍‌ଙ୍କ ଜନ୍ମ ଭୂମି ପାଇଁ ଉତ୍ସର୍ଗୀକୃତ ବଳୀଦାନକୁ ନେଇ ନିର୍ମିତ ହେଉଥିବା ଚଳଚ୍ଚିତ୍ର ବେଶ୍ ସଫଳ ହେଉଛି । ସଂପ୍ରତି ବିଭିନ୍ନ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ଭାରତର ସାମ୍ପ୍ରତିକ ଘଟଣାବଳୀ ଓ ଦେଶପ୍ରେମକୁ ନେଇ ହାଇବଜେଟ୍‌ର ଚଳଚ୍ଚିତ୍ର ତିଆରି କରୁଛନ୍ତି । ଦେଶପ୍ରେମ ଭାବନାକୁ ଉଜ୍ଜିବୀତ କରୁଥିବା ଏହି ଚଳଚ୍ଚିତ୍ର ବାସ୍ତବରେ ଦର୍ଶକମାନଙ୍କ ଭିତରେ ସ୍ମରଣୀୟ ହୋଇ ରହିଛି । ଭାରତର ସ୍ୱାଧୀନତା ସଂଗ୍ରାମ ସାରା ପୃଥିବୀରେ ହୋଇଥିବା ବହୁ ସଂଗ୍ରାମ ଭିତରୁ ଅନେକଦୃଷ୍ଟିରୁ ଅନନ୍ୟ ଓ ଅସାଧାରଣ କାରଣ ଏଥିରେ ଅହିଂସା ଓ ଅସହଯୋଗ ଥିଲା ମୁଖ୍ୟ ଅସ୍ତ୍ର ।


+ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

## ଆମ ଭାରତୀୟ....

(ପୃଷ୍ଠା ୨ର ଅବଶିଷ୍ଟାଂଶ)

୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା । ନ୍ତସାଇମନ୍ ଫେରିଯାଅ'' । କିନ୍ତୁ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧି ଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ । ୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାଡି ନ୍ତଫରଓ୍ୱାର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ ।୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ ନ୍ତଆଜଦ୍ ହୀନ୍ଦ ଫଉଜ'' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । ନ୍ତଆଜଦ୍ ହୀନ୍ଦ ଫଉଜ'' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ , ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନ ଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ ।ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା ।

ଗୋପବନ୍ଧୁ ଙ୍କ ଭାଷାରେ-
ନ୍ତ ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

+ପାରାଦ୍ୱୀପଗଡ଼,କୁଜଙ୍ଗ,
ଜଗତସିଂହପୁର,ଓଡ଼ିଶା
ମୋ-୯୯୩୭୬୯୧୪୭୫

# ସ୍ୱାଧୀନତା ଦିବସ ଉପଲକ୍ଷେ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ କ୍ରାଫ୍ଟ ଫର ଓମେନ୍' ପକ୍ଷରୁ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ଝୋଟି ପ୍ରତିଯୋଗିତା

ବାଲେଶ୍ୱର, ୧୪/୦୮ (ନି.ପ୍ର): ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ କ୍ରାଫ୍ଟ ଫର ଓମେନ୍' ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଝୋଟି ପ୍ରତିଯୋଗିତା ଜିଲ୍ଲା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସହର ସମେତ ଆଖପାଖ ଅଂଚଳରୁ ୪୫ରୁ ଉର୍ଦ୍ଧ୍ୱ ମହିଳା ଓ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀମାନେ ପାରମ୍ପାରିକ ରୀତିରେ ଅରୁଆ ଚାଉଳ ପିଠଉରେ ଉତ୍କଳୀୟ ପ୍ରାଚୀନ କଳା ସଂସ୍କୃତିକୁ ବିଦ୍ୟାଳୟ ଚଟାଣରେ ଆଙ୍କିଥିଲେ । ଚଳିତ ବର୍ଷ ଲକ୍ଷ୍ମୀ ପାଦ ପୃଷ୍ଠଭୂମୀକୁ ନେଇ ସମସ୍ତେ ଝୋଟି ଅଙ୍କନ କରିଥିଲେ । ଏହି ପ୍ରତିଯୋଗିତାକୁ ନେଇ ମହିଳାଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବୁଡ଼ି ଯାଉଥିବା ଓଡ଼ିଶାର ପ୍ରାଚୀନ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ଏବଂ ଉତର ପିଢ଼ିଙ୍କୁ ଏଥି ପ୍ରତି ଆକର୍ଷିତ କରିବାରେ ଏହି ପ୍ରତିଯୋଗିତା ବେଶ ସ୍ୱାଗତୋଗ୍ୟ ପଦକ୍ଷେପ ବୋଲି ପ୍ରତିଯୋଗୀମାନେ କହିଛନ୍ତି । ଏଥିରେ ଭାଗ ନେଇ ସେମାନେ ଆତ୍ମସନ୍ତୋଷ ପାଉଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି । ସଦର ସିଡିପିଓ ସାଗରିକା ଦତ, ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସୂର୍ଯ୍ୟକାନ୍ତି ମହାନ୍ତି, ମିଶନ ଶକ୍ତି ବାଲେଶ୍ୱର ମ୍ୟୁନିସିପାଲିଟି ପ୍ରକଳ୍ପ ପରିଚଳିକା ଶକ୍ତିପ୍ରିୟା ବିଶ୍ୱାଳ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇଥିଲେ । ମିଶନ ଶକ୍ତି ସଦର ବ୍ଲକ ପ୍ରକଳ୍ପ ପରିଚାଳିକା ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଚିତ୍ରଶିଳ୍ପୀ ମରୁତ କୁମାର ରାଉତ ଓ ପ୍ରକାଶ ମହାନ୍ତି ପ୍ରମୁଖ ଏଥିରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ କ୍ରାଫ୍ଟ ଫର ଓମେନ୍?'ର ସଭାନେତ୍ରୀ ଅର୍ଚ୍ଚନା ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସମ୍ପାଦିକା ସରସ୍ୱତୀ




ପଣ୍ଡା, ରାଜଲକ୍ଷ୍ମୀ ଚାଟାର୍ଜୀ, ବିନା ନନ୍ଦୀ, ପ୍ରମୁଖ ଏଥିରେ ଉପସ୍ଥିତ ରହି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ବିଚାରକମାନଙ୍କ ନିଷ୍ପତି କ୍ରମେ ଅନିମା ବେହେରା ପ୍ରଥମ, ନମିତା ପରିଡା ଦ୍ୱିତୀୟ, ରଜନୀ ମହତା ତୃତୀୟ ହୋଇଥିବା ବେଳେ ଝୁନୁରାଣୀ ବାରିକଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପାଇଁ ଚୟନ କରାଯାଇଥିଲା । ଆସନ୍ତା ସ୍ୱାଧୀନତା ଦିବସରେ ବିଜୟନୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଟିହିଡ଼ି ବ୍ଲକ୍‌ରେ ମିଳିତ ଜନ ଶୁଣାଣି ଶିବିର




ଭଦ୍ରକ, ୧୪/୦୮ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଟିହିଡ଼ି ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୭୨ ଜଣ ଆବେଦନକାରୀଙ୍କ ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୬୭ ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଓ ୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୩ ଜଣଙ୍କୁ ଚିକିତ୍ସା ସହାୟତା ବାବଦ ୨୭ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା । ସେମାନଙ୍କ ମଧ୍ୟରେ ଗୁଆମାଳର ବାସନ୍ତୀଜେନାଙ୍କୁ ୫୦୦୦ ଟଙ୍କା ପାଳିଆର ପ୍ରଶନ୍ନ ନାୟକଙ୍କୁ ୧୨,୦୦୦ ଟଙ୍କା ଓ ନିଶ୍ଚିନ୍ତପୁରର ପ୍ରଭାତ କୁମାର ନାୟକଙ୍କ ପାଇଁ ୧୦,୦୦୦ ଟଙ୍କା ମଞ୍ଜୁର କରାଯାଇ ପ୍ରଭାତ ନାୟକଙ୍କ ଆର୍ଥିକ ରାଶି ତତ୍କାଳ ପ୍ରଦାନ କରାଯାଇଥିଲା । ସାମାଜିକ ସୁରକ୍ଷା ଯୋଜନାରେ ୬ଟି ତିନିଚକିଆ ସାଇକେଲ ମଧ ବଣ୍ଟନ କରାଯାଇଥିଲା । ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, କୁଶଳ ଚନ୍ଦ୍ର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ଟିହିଡ଼ି ବି.ଡ଼ି.ଓ. ଜ୍ୟୋତିର୍ମୟ କର, ତହସିଲଦାର ପ୍ରତୀକ ସାହୁ, ଡେପୁଟୀ କଲେକ୍ଟର ରାଜୀବ ହାଁସଦା ପ୍ରମୁଖ ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ସ୍ତରୀୟ ଉକ୍ତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ସଂପୃକ୍ତ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ତଥା ପ୍ରଦାନ କରିଥିଲେ ।

## ରାସ୍ତା କଡର କେବିନ୍ ଉପରକୁ ମାଡ଼ିଗଲା ଟ୍ରାକ୍ଟର

ଲଙ୍ଗଳେଶ୍ୱର , ୧୪/୦୮ (ନି.ପ୍ର): ବେଆଇନ ଭାବେ ଛତୁ ଫୁଟିଲା ପରି ରାସ୍ତା କୁ ଲଗାଇ ମାଳ ମାଳ କେବିନ୍ ପଡ଼ିଛି ଫଳରେ ସଂକୁଚିତ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି । ଗାଡ଼ିଗୁଡ଼ିକ ପରସ୍ପର ମଧରେ ପାସ୍ କରିବା ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ଲୋକଙ୍କ ଧନ ଜୀବନ ହାନି ହୋଉଛି । ଘଟଣାରୁ ପ୍ରକାଶ ଆଜି ଅପରାହ୍ନ ସମୟରେ ବାଲିଆପାଳ ଥାନା ଅନ୍ତର୍ଗତ ମାନ୍ଧାତା - ପଞ୍ଚୁପାଲି ରାସ୍ତାର ମହାବଳା ଠାରେ ଏକ ଦୁର୍ଘଟଣା ଘଟିଛି ପଞ୍ଚୁପାଲି ରୁ ମାନ୍ଧାତା ଆଡ଼କୁ ଆସୁଥିବା ଟ୍ରାକ୍ଟର ନଂ ଓଡ଼ି୦୧ଇଏ- ୫୯୦୩ ର ଚକା ଫାଟି ଯିବାରୁ ରାସ୍ତା ଉପରେ ଥିବା ବାଇକ୍ ନଂ ଓଡ଼ି.୦୧ଛ.୨୩୭୨ କୁ ଧକ୍କା ମାରିବା ସହ ନିକଟରେ ଥିବା କେବିନ୍ ଉପରକୁ ମାଡ଼ି ଯାଇଥିଲା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା । ଘଟଣା ସମ୍ପର୍କରେ ଲୋକମାନେ ପୋଲିସ କୁ ଖବର ନଦେଇ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରିବାରୁ ଅସନ୍ତୋଷ ପରିଲକ୍ଷିତ ହେଉଛି ।

# ଇଫକୋ ପକ୍ଷରୁ ହର ଘର ତ୍ରିରଙ୍ଗା ଓ ଆଜାଦି କା ଅମୃତ ମହୋତ୍ସବ ପାଳନ

## ଦିନିକିଆ କୃଷକ ତାଲିମ ଶିବିରରେ ୭୦ କୃଷକ ସାମିଲ

ପାରାଦୀପ, ୧୪/୦୮ (ନି.ପ୍ର): ସୋମବାର ଦିନ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ହର ଘର ତ୍ରିରଙ୍ଗା ଓ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଦିନିକିଆ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଇଫକୋ ଟାଉନସିପ୍ ପରିସରରେ ଥିବା ସ୍ୱର୍ଣ୍ଣ ଜୟ'1 ସଭାଗୃହ ପରିସରରେ ଇଫକୋର ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଏହି ଦିନିକିଆ କୃଷକ ତାଲିମ ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସମାରୋହରେ ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାସ, ରାଜ୍ୟ ସରକାରଙ୍କ ଏଏଓ ପ୍ରମୋଦ ବେହେରା, ଇଫକୋର ଯୁଗ୍ମ ସାଧାରଣ ପ୍ରବନ୍ଧକ କେ.ମୋହନ ରାଓ,




କୋରଡେଟ୍‌ର ଅଧକ୍ଷ କୁଳମଣି ମାଝୀ ଯୋଗ ଦେଇଥିଲେ । କୁଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରୁ ୭୦ଜଣ କୃଷକ ଏହି ତାଲିମ୍ ଶିବିରରେ ଯୋଗ ଦେଇଥିଲେ । ଶିବିରରେ ଯୋଗ ଦେଇଥିବା କୃଷକମାନଙ୍କୁ ଇଫକୋ ନାନୋ ବାଇଓଫର୍ଟିଲାଇଜର ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଶ୍ରୀ ପଟେଲ ଭାରତର ସ୍ୱାଧିନତାର ଗୌରବମୟ ଇତିହାସର ସ୍ମୃତିଚାରଣ କରିବା ସହିତ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବୋଲଂ ପଞ୍ଚାୟତ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ




ଲଙ୍ଗଳେଶ୍ୱର ୧୪/୮(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଂ ପଞ୍ଚାୟତର ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ମଲ୍ଲିକ ଙ୍କ ନେତୃତ୍ୱରେ ଆଜି ବୋଲଂ ଠାରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସବୁଜ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରାଯାଇଛି । ଏଥିରେ ଲଙ୍ଗଳେଶ୍ୱର ଫରେଷ୍ଟର ଶଶିଧର ମହାନ୍ତି ଯୋଗଦେଇ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ, ପଞ୍ଚାୟତ ଅଫିସ୍, ଘରୋଇ, ଅନୁଷ୍ଠାନ ମାନେ ବୃକ୍ଷ ରୋପଣ ପାଇଁ ଆଗେଇ ଆସନ୍ତୁ ବୋଲି ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି ।ଯୁବ ସମାଜସେବୀ କାର୍ତ୍ତିକ ମଲ୍ଲିକ,ବନରକ୍ଷୀ ସାଗରିକା ସିଂ,ମନୋଜ ଧଡା, ରାମେଶ୍ୱର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟ ସମ୍ମୁଖରେ ଧାରଣା : ଅଧିକାରୀମାନେ ପହଞ୍ଚି କଲେ ସମାଧାନ




ଜଳେଶ୍ୱର , ୧୪/୦୮ (ନି.ପ୍ର): ପିଲାମାନଙ୍କ ପଠପଢାରେ କେତେକ ସମସ୍ୟା ଥିବାରୁ ଓ ଶିକ୍ଷକ ନିଯୁକ୍ତିକୁ କେନ୍ଦ୍ର କରି ଜଳେଶ୍ୱର ବ୍ଲକର ମାଳିପାଳ ବିଦ୍ୟାଳୟର କେତେକ ଅଭିଭାବକ ଫାଟକ ନିକଟରେ ଧାରଣା ଦେଇଥିଲେ । ଏ ସଂପର୍କରେ ଖବର ପାଇ ଜଳେଶ୍ୱର ଶିକ୍ଷାଜିଲା କାର୍ଯ୍ୟାଳୟର ବିଆର୍‌ସିସି ସୁଶାନ୍ତ ଜେନା, ଏବିଇଓ ଅଜୟ ଜେନା ଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ମଧ୍ୟାହ୍ନରେ ବିଦ୍ୟାଳୟରେ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ । ଆଗକୁ ପରୀକ୍ଷା ଥିବାରୁ ସେଠାରେ ୨ ଦିନ ମଧ୍ୟରେ ନୂତନ ଶିକ୍ଷକ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସୂଚନାଯୋଗ୍ୟ ଉକ୍ତ ବିଦ୍ୟାଳୟରେ ୧୫୨ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟିରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି । ଏଥିରେ କୌଣସି ରାଜନିତିକରଣ ନ କରିବାକୁ କେତେକ ଗ୍ରାମବାସୀ ନିଜ ନାମ ଗୋପନ ରଖି ସାମ୍ବାଦିକ ମାନଙ୍କୁ କହିଛନ୍ତି ।


### ଦକ୍ଷିଣ ପୂର୍ବ ରେଳପଥ -ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ୧୧.୦୮.୨୦୨୩ ତାରିଖ, **ST-OT-ELB-08Stn- KGP-23-24** । ଇ-ଟେଣ୍ଡରକୁ ଶ୍ରୀ ଡିଭିଜନାଲ ସିଗନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (କୋ) / ଖଡ଼ଗପୁର -୭୨୧ ୩୦୧, ଏସ୍ । ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ରେଳବାଇ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** ଇଣ୍ଟରଲକ୍ ହୋଇଥିବା ଲେଭଲ୍ କ୍ରସିଂ ଗେଟ୍ (ଲେଭଲ୍ କ୍ରସିଂ ନମ୍ବର ୧, କଣ-୨୦, କଣ-୧୪, ୪, ୨୪, ୯୦, ୯୧ ଏବଂ ୯୭) ରେ ୦୮ ନମ୍ବରରେ ଇଲେକ୍ଟ୍ରିକ୍ ଲିଫ୍ଟ ବ୍ୟାରେଜ୍ ଯୋଗାଣ, ସ୍ଥାପନ ଏବଂ କମିଶନ । S.E.Railways ର ଖଡ଼ଗପୁର ବିଭାଗ । **ଟେଣ୍ଡର ମୂଲ୍ୟ :** ୮୪,୦୮, ୩୮୧.୬୪ **EMD:** ୧,୬୮,୨୦୦/-। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ସମାପ୍ତି ସମୟ:** ୦୮ ମାସ । **ଦାଖଲ ତାରିଖ:** ୧୨.୦୦ ଘଣ୍ଟା ପର୍ଯ୍ୟନ୍ତର ୦୮.୦୯.୨୦୨୩। **ଖୋଲିବାର ତାରିଖ:** ୦୮.୦୯.୨୦୨୩ । ଆଗ୍ରହୀ ଟେଣ୍ଡରକାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ବର୍ଣ୍ଣନା ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀକର୍ମୀମାନେ ନିୟମିତ ଭାବରେ **www.ireps. gov.in** ପରିଦର୍ଶନ କରିପାରିବେ ।

(PR-508)



i-308

**OFFICE OF THE PANCHAYAT SAMIT, CHANDBALI**
**At/Po- Chandbali, dist-Bhadrak, Pin- 756130**
**e-mail: ori.chandbali@nic.in**
**INVITATION FOR BIDS (IFB)**
**BID IDENTIFICATION NO 5/2023-24 DT-11.08.2023**

| Sl No | Name of Work | Amount put to tender Rs P | EMD Rs P | Time fo completion | Class of Contractor | Cost of document Rs P |
|---|---|---|---|---|---|---|
| 1. | CONSTRUCTION OF ASPIRATIONAL SCHOOL(ST) BATOL HIGH SCHOOL UNDER ARADI G.P. | 1434995.00 | 14350.00 | Six calender Months | C & Above | 6000.00 |

1. Date & Time : 10 AM of 11.08.2023 to 3 PM of 21.08.2023
2. Last Date : Up to 3 PM of 21.08.2023
3. Time of Opening : 10 AM of 22.08.2023
4. Name and address :Block Development Officer, chandabali, Bhadrak

Further details can be seen form the website potal https://bhadrak.nic.in/-. The interested bidders can contact office of the Block Development Officer, Chandbali, Dist- Bhadrak, Contact No- 9437228182

**Block Development Officer**
**Chandbali**

**OIPR: 19183/11/0004/2324**


# ନୀଳଗିରିରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସହ ମେରା ମିଟ୍ଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୧୪/୦୮ (ନି.ପ୍ର): ସୋମବାର ନୀଳଗିରିରେ ତ୍ରିରଙ୍ଗା ଯାତ୍ରା ସମିତି ତରଫରୁ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି ।ଏହି ଯାତ୍ରା ଦିନ ପ୍ରାୟ ୧୧ଟା ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିରରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଏନ୍. ଏ. ସି କଲ୍ୟାଣ ମଣ୍ଡପରେ ସମାପ୍ତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସହ ପାଖା ପାଖି ଏକ ହଜାର ସଂଖ୍ୟାରେ ଯୁବକ, ଯୁବତୀ, ଛାତ୍ରଛାତ୍ରୀ ଭାଗ ନେଇଥିଲେ ।ଭାରତ ମାତା କି ଜୟ, ବନ୍ଦେ ମାତରମ ନାରାରେ ନୀଳଗିରି ସହର ପ୍ରକମ୍ପିତ ହୋଇ ଉଠିଥିଲା ।୧୨୦ ଫୁଟର ତ୍ରିରଙ୍ଗା ଧରି ଛାତ୍ରଛାତ୍ରୀ ମାନେ ତ୍ରିରଙ୍ଗା ଯାତ୍ରା କରିଥିଲେ । ଶେଷରେ ନୀଳଗିରି ଏନ୍. ଏ. ସି କଲ୍ୟାଣ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ, ଗୋପୀବଲ୍ଲଭ ରାଉତ,ପ୍ରଫୁଲ୍ଲ ଦଳେଇ, ସୂର୍ଯ୍ୟକାନ୍ତବିଶ୍ୱାଳ, ମନୋରଞ୍ଜନ ବେହେରା, ରାକେଶ ମହଲ,ସଂଜୀବ କୁମାର ମହାନ୍ତା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସେଣ୍ଟ୍ରାଲ ଇନଫରମେସନ ଏବଂ ବ୍ରଡ କାଷ୍ଟିଙ୍ଗ ତରଫରୁ ନୀଳଗିରି ଏନ୍.ଏ.ସି କଲ୍ୟାଣ ମଣ୍ଡପରେ 'ମେରା ମିଟ୍ଟୀ ମେରା ଦେଶ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବାଲିଗୋହିରି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା,ସନ୍ତରାଗଡ଼ିଆ କଲେଜର ଅଧାପକ ଅକ୍ଷୟ ପାଣିଗ୍ରାହୀ,ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ,ମନ୍ଦାକିନୀ ଧଳ,ପବ୍ଲିସିଟି ଅଫିସର ନିର୍ମାଲ୍ୟ ବେହେରା ପ୍ରମୁଖ ମଂଚାସୀନ ଥିଲେ ।ମଂଚାସୀନ ଅତିଥି ମାନେ ଦେଶ ପାଇଁ ବଳିଦାନ କରିଥିବା ବୀର ଓ ବିରଙ୍ଗନାଙ୍କ ବିଷୟରେ ସ୍ମୃତିଚାରଣ କରିବା ସହିତ ଆଜିର ଯୁବପିଢ଼ିଙ୍କ ରାଷ୍ଟ୍ର ପାଇଁ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ ।ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ 'ମୋ ମାଟି ମୋ ଦେଶ' ଉପକ୍ରମରେ ଏବେ ସାରା ଦେଶରୁ ମାଟି ସଂଗ୍ରହ କରାଯାଇଅଛି । ଭାରତ ବର୍ଷର ୭୫୦୦ ବ୍ଲକରୁ ସଂଗୃହିତ ମାଟିକୁ ଦିଲ୍ଲୀର କର୍ତ୍ତବ୍ୟପଥରେ ଦେଶ ପାଇଁ ବଳିଦାନ କରିଥିବା ବୀର ଓ ବିରଙ୍ଗନାଙ୍କ ଉଦ୍ଦେଶ୍ୟରେ ଏକ ଅମୃତ ବାଟିକା ପ୍ରତିଷ୍ଠା କରାଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର, ଛାତ୍ରୀ, ଯୁବକ, ଯୁବତୀ ଭାଗ ନେଇଥିଲେ । ପିଲାମାନଙ୍କ ଉତ୍ସାହିତ କରିବା ପାଇଁ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ।




# ୩ବର୍ଷ ପରେ ବି ଭୂମିହୀନଙ୍କୁ ପଟ୍ଟା ମିଳିଲାନି

## ତହସିଲ ସମ୍ମୁଖରେ ଆବେଦନକାରୀଙ୍କ ଧାରଣା

ଖଇରା, ୧୪/୦୮ (ନି.ପ୍ର):ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଗୁଆପାଳ, ଗଗୁଆ, ଭୁଦେଇଶୁଳ, ଶରତ ଇତ୍ୟାଦି ଗ୍ରାମର ଅନୁସୂଚିତ ଜନଜାତି ଓ ଅନୁସୁଚିତ ଜାତିର ୩୨ଜଣ ଭୂମିହୀନ ପଟ୍ଟା ପାଇବାକୁ ୩ ବର୍ଷ ହେଲା ଦୌଡୁଛନ୍ତି । ଖଇରା ତହସିଲ ପାଖରୁ ଆରମ୍ଭ କରି ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାଆସିବାରେ ଶ୍ରମିକ ଶ୍ରେଣୀର ବ୍ୟକ୍ତିଙ୍କୁ ଟଙ୍କା ଖର୍ଚ୍ଚ ବାଧିଲାଣି । ବାଧ୍ୟ ହୋଇ ସୋମବାର ଦିନ ଗ୍ରାମବସୀ ମାନେ ତହସିଲ ସମ୍ମୁଖରେ ପଟ୍ଟାଦାବିରେ ଧାରଣାରେ ବସି ରହିଥିଲେ । ପରେ ଅତିରିକ୍ତ ତହସିଲଦାରଙ୍କ ପ୍ରତିଶୃତି ପରେ ସେମାନେ ଧାରଣାରୁ ଉଠିଥିଲେ । ଉକ୍ତ ଗ୍ରାମର ୩୨ ପରିବାର ଅନ୍ୟୁନ ୩୦ବର୍ଷ ଧରି ଗଡପୋଖରୀ ପଞ୍ଚାୟତ ଶାରିଶୁଆ ପାହାଡ ସଂଲଗ୍ନ ଗ୍ରାମ ଗୁଡିକରେ ରହି ଆସୁଛନ୍ତି । ସରକାରୀ ପକ୍କା ଗୃହ ପାଇଁ ସରକାରୀ ଜମି ର ଆବଶ୍ୟକତା ଥିବାରୁ ସେମାନେ ୨୦୧୯ ମସିହାରେ ପଟ୍ଟା ପାଇଁ ଆବେଦନ କରିଥିଲେ । ଏଥିପାଇଁ ତହସିଲଠାରୁ ଜିଲା ପର୍ଯ୍ୟନ୍ତ ସବୁ ପ୍ରକାର ଯାଞ୍ଚର ସମ୍ମୁଖୀନ ହୋଇଥିଲେ । ପଟ୍ଟା ଖୁବଶିଘ୍ର ମିଳିଯିବ ବୋଲି କୁହାଯାଉଥିଲେ ହେଁ ଏହା ମଧ୍ୟରେ ୨ଜଣ ତହସିଲଦାରଙ୍କ ବଦଳୀ ହୋଇ ଗଲାଣି । ତଥାପି ସେମାନଙ୍କର ଦୌଡିବା ବନ୍ଦ ହୋଇନି । ତୁରନ୍ତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବୀ ଧାରଣାରେ ବସିଥିବା ହିତାଧିକାରୀ ମାନେ କହିଛନ୍ତି ।

# ଗୁଡ଼ିଖାଲ ଶିବମୁନି ଯୋଗାଶ୍ରମରେ,'ସ୍ରୋତସ୍ୱିନୀ, ଆଧ୍ୟାତ୍ମିକ ସଙ୍ଗୀତ ଲହରୀ'ର ଉନ୍ମୋଚନ ଉତ୍ସବ

ବସ୍ତା , ୧୪/୦୮ (ନି.ପ୍ର): ଗୁଡ଼ିଖାଲ ଶିବମୁନି ଯୋଗାଶ୍ରମ ର ସାପ୍ତାହିକ ସତ୍ସଙ୍ଗ ସହିତ, ଓଡ଼ିଶା ପ୍ରାନ୍ତ ମୁନିସମାଜର ପ୍ରାକ୍ତନ ଅଧ୍ୟକ୍ଷ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଶଶଧର ମୁନିଜୀଙ୍କ ଲେଖନୀ ନିଃସୃତ ଆଧ୍ୟାତ୍ମିକ ପୁସ୍ତକ'ସ୍ରୋତସ୍ୱିନୀ, ଆଧ୍ୟାତ୍ମିକ ସଙ୍ଗୀତ ଲହରୀ ', ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ପ୍ରଜ୍ଞାଶ୍ରୀ ବଂଶୀ ଧରି ମୁନିଜୀଙ୍କ କରକମଳରେ ଉନ୍ମୋଚିତ ହୋଇପାରିଛି ।ମୁନିରାଜ ରମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜ୍ଞାନ ଯଜ୍ଞରେ,ମଞ୍ଚାସୀନ ଥିଲେ ,ପୁସ୍ତକର ପ୍ରଣେତା ବ୍ରହ୍ମଜ୍ଞାନୀ ବରିଷ୍ଠ ଯୋଗାଚାର୍ଯ୍ୟ ଶଶଧର ମୁନିଜୀ ମହୋଦୟ, ବ୍ରହ୍ମଜ୍ଞାନୀ ବରିଷ୍ଠ ଯୋଗାଚାର୍ଯ୍ୟ ପ୍ରଜ୍ଞାଶ୍ରୀ ବଂଶଧର ମୁନିଜୀ ମହୋଦୟ ,ମୁନିସମାଜର ଜ୍ୟୋତି, ଆତ୍ମଜ୍ଞାନୀ, ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ, ଆତ୍ମଜ୍ଞାନୀ ଭାଗବତାଚାର୍ଯ୍ୟ ଯୋଗୀ ଦାମୋଦର ମୁନିଜୀ ମହୋଦୟ,ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ,ଯୋଗୀ ଲମ୍ବୋଦର ମୁନିଜୀ ମହୋଦୟ,ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ,ଗୁଡ଼ିଖାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଶ୍ରୀଯୁକ୍ତ ଜୟକୃଷ୍ଣ ସେନାପତି ପ୍ରମୁଖ ବିଶିଷ୍ଟ ବିଦ୍ୱାନ ବୃନ୍ଦ ।ଗୁଡ଼ିଖାଲ ଶିବମୁନି ଯୋଗାଶ୍ରମ ର ସମ୍ପାଦକ , ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମୁନି ,ଅତିଥିମାନଙ୍କୁ ମଞ୍ଚକୁ ଆବାହନ ସହିତ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ ।ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ ଅନନ୍ତ ମୁନି,ଯୋଗୀ ପ୍ରଫୁଲ୍ଲ ମୁନି ,ମୁନିରାଜ ବଳରାମ ମୁନି ଇତ୍ୟାଦି ଉତ୍ସବକୁ ଅତି ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ । ସଙ୍ଗୀତଜ୍ଞ ଯୋଗୀ ସୁଶୀଲ ମୁନିଙ୍କ ପରିଚାଳନାରେ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇ ଥିଲା । ଶତାଧିକ ମୁନି ମୁନିମତୀ ମୁନିକୁମାର ମୁନିକୁମାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଆତ୍ମଜ୍ଞାନୀ ଯୋଗୀ ଅରୁଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ବାଲାଜୀ ମେଗା ମାର୍ଟ ଉଦ୍‌ଘାଟିତ

ବାରିପଦା , ୧୪/୦୮ (ନି.ପ୍ର): ସ୍ଥାନୀୟ ଭଞ୍ଜପୁରଠାରେ ରବିବାର ବାଲାଜୀ ମେଗା ମାର୍ଟ ନାମରେ ଏକ ଅତ୍ୟାଧୁନିକ ସପିଙ୍ଗ ମଲ ଉଦଘାଟିତ ହୋଇଯାଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା ଦେବାଶୀଷ ମାରାଣ୍ଡି ମୁଖ୍ୟଅତିଥି ଭାବେ ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଦର୍ପନାରାୟଣ ପାଲ, କାଉନସିଲର ସବିତା ପାଲ ଓ ଅନୁରାଧା ମହାନ୍ତି ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଥିଲେ । ସହରରେ ବାଲାଜୀଗ୍ରୁପର ଏହା ତୃତୀୟ ବ୍ୟବସାୟ ପ୍ରତିଷ୍ଠାନ । କ୍ରମ ବର୍ଦ୍ଧିଷ୍ଣୁ ବାରିପଦା ସହରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଟିଏ କୋଠାର ୩ମହଲାରେ ସମସ୍ତ ଗ୍ରୋସେରୀ ଓ ପ୍ଲାଷ୍ଟିକ ଘରୋଇ ଉପକରଣ ତଥା ଉପହାର ସାମଗ୍ରୀ କିଣିବାର ସୁବିଧା ନେଇପାରିବେ ଗ୍ରାହକ । ତତସହିତ ଖୁବଶୀଘ୍ର ଏଠାରେ ତାଙ୍କର ଦ୍ୱିତୀୟ ରେଷ୍ଟୁରାଣ୍ଟ ଖୋଲିବାକୁ ଯାଉଛି ବୋଲି ବିଜୟ, ବସନ୍ତ, ବଜରଙ୍ଗ, ଭାରତ ଓ ନବୀନ ଅଗ୍ରୱାଲା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

DADLS-29

ରୂପାନ୍ତର ପଥେ ଓଡ଼ିଶା

ଓଡ଼ିଶା ସରକାର

5T: TRANSPARENCY, TECHNOLOGY, TEAMWORK, TIME, TRANSFORMATION

ମୋ ସରକାର ☎ 14545

- ରାଜ୍ୟରେ କୃଷକମାନଙ୍କୁ ବିନାସୁଧରେ ଫସଲ ଋଣ ପ୍ରଦାନ ବ୍ୟବସ୍ଥା ।
- ରାଜ୍ୟର ୩୦ଟି ଜିଲ୍ଲାର **୧୭୭ଟି ବ୍ଲକକୁ** ମିଲେଟ ମିଶନ ସମ୍ପ୍ରସାରିତ । ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ଖର୍ଚ୍ଚ ହେବ **୨୬୮୭.୪୫ କୋଟି** ଟଙ୍କା ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ମାସିକ ଖର୍ଚ୍ଚ ହେଉଛି ପ୍ରାୟ **୨୧୫ କୋଟି** ଟଙ୍କା । ରାଜ୍ୟର ଆର୍ଥିକ ଦୁର୍ବଳ ପରିବାରକୁ ବାର୍ଷିକ **୫ ଲକ୍ଷ** ଟଙ୍କା ଓ ପରିବାରର ମହିଳା ସଦସ୍ୟାଙ୍କ ପାଇଁ **୧୦ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଉପଲବ୍ଧ । ରାଜ୍ୟ ତଥା ରାଜ୍ୟ ବାହାରର **୮୦୧ଟି** ପ୍ରମୁଖ ଘରୋଇ ଚିକିତ୍ସାଳୟରେ ମିଳିପାରୁଛି ଅତ୍ୟାଧୁନିକ ଚିକିତ୍ସା ସୁବିଧା ।
- ଆମ ହସ୍ପିଟାଲ ଯୋଜନା ଅଧୀନରେ '୫-ଟି' ଉପକ୍ରମରେ ରୂପାନ୍ତରିତ ହେବ ରାଜ୍ୟର **୧୪୯ଟି** ହସ୍ପିଟାଲ । ସମ୍ପୃକ୍ତ ଅଞ୍ଚଳବାସୀ ପାଇବେ ଅପେକ୍ଷାକୃତ ଉନ୍ନତ ସ୍ୱାସ୍ଥ୍ୟ ସେବା ।
- ସାମାଜିକ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ଅଗଷ୍ଟ **୧୫** ତାରିଖରୁ **୪.୧୩ ଲକ୍ଷ** ନୂତନ ହିତାଧିକାରୀ ପାଇବେ ମଧୁବାବୁ ପେନସନ । ଉପକୃତ ହେବେ ରାଜ୍ୟର ସମୁଦାୟ **୩୨.୭୫ ଲକ୍ଷ ବୟସ୍କ,** ବିଧବା, ଭିନ୍ନକ୍ଷମ ଓ ଅସହାୟ ।
- '୫-ଟି' ଉପକ୍ରମରେ ୩ଟି ପର୍ଯ୍ୟାୟରେ ରାଜ୍ୟର **୬୮୭୨ଟି** ହାଇସ୍କୁଲ ହୋଇଛି ରୂପାନ୍ତରିତ । ୪ର୍ଥ ପର୍ଯ୍ୟାୟରେ ଆଉ **୧୭୭୧ଟି** ବିଦ୍ୟାଳୟର ହେବ ରୂପାନ୍ତରଣ ।
- ଘରୋଇ ଏବଂ ଅଣ-ଅନୁଦାନ ପ୍ରାପ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର **୫ ଲକ୍ଷ**ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ବିନାମୂଲ୍ୟରେ ଯୋଗାଇ ଦିଆଯିବ ପାଠ୍ୟ ପୁସ୍ତକ ।
- ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ '୫-ଟି' ଉପକ୍ରମରେ ରାଜ୍ୟର ମହାବିଦ୍ୟାଳୟ ଗୁଡ଼ିକର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ।
- ମିଶନ ଶକ୍ତି ଜରିଆରେ ଆଜି ରାଜ୍ୟର **୭୦ ଲକ୍ଷ**ରୁ ଊର୍ଦ୍ଧ୍ୱ ମହିଳା ସଶକ୍ତ । ସେମାନଙ୍କୁ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ **୫ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ସହାୟତା । ସ୍କୁଟି ଯୋଜନାରେ **୧ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ।
- ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ସମେତ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର ୫-ଟି ଉପକ୍ରମରେ ରୂପାନ୍ତର ।
- ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ ହେବା ଦେଶରେ ପ୍ରଥମ । ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ ଜରିଆରେ ରାଜ୍ୟର ୫ଟି ମହାନଗର ନିଗମ ଓ ୮୫ଟି ସହରାଞ୍ଚଳରେ ଶତପ୍ରତିଶତ ବିଶୁଦ୍ଧ ଜଳଯୋଗାଣ ହୋଇଛି ସୁନିଶ୍ଚିତ ।
- ବିଜୁ ସେତୁ ଯୋଜନାରେ ଲକ୍ଷ୍ୟଧାର୍ଯ୍ୟ **୭୫୦ଟି** ସେତୁ ମଧ୍ୟରୁ **୬୭୯ଟି** ସେତୁ ସଂପୂର୍ଣ୍ଣ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ **୬୨୪୭ କି.ମି.** ରାସ୍ତା ନିର୍ମିତ । ସବୁଜ ପ୍ରଯୁକ୍ତି ବିଦ୍ୟା ଉପଯୋଗରେ ସର୍ବାଧିକ ଦୈର୍ଘ୍ୟର ସଡ଼କ ନିର୍ମାଣ କରି ଜାତୀୟ ସ୍ତରରେ ଓଡ଼ିଶା ପୁରସ୍କୃତ ।
- **୫ ଲକ୍ଷ**ରୁ ଅଧିକ ଦକ୍ଷ ଯୁବବର୍ଗ ସୃଷ୍ଟି କରି ଓଡ଼ିଶା ଆଜି ଦେଶର 'ସ୍କିଲ କ୍ୟାପିଟାଲ' ଭାବରେ ପରିଚିତ ।
- ଜନଜାତିଙ୍କ ସାଂସ୍କୃତିକ ବିବିଧତାର ସୁରକ୍ଷା, ସେମାନଙ୍କୁ ସବୁ ବିକାଶମୂଳକ ଯୋଜନାରେ ସାମିଲ ତଥା ଜଙ୍ଗଲ ଜମି ଉପରେ ସେମାନଙ୍କ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ ।
- ଅଣସଙ୍ଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ଯୋଜନାରେ ଆଉ ୫୦ଟି ଅଣସଙ୍ଗଠିତ ଶ୍ରମିକ ବର୍ଗଙ୍କୁ ସାମିଲ କଲେ ରାଜ୍ୟ ସରକାର । ବୃଦ୍ଧି ହେଲା ମୃତ୍ୟୁକାଳୀନ ସହାୟତା ରାଶି ।
- ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରୟାସ ଅଧୀନରେ ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା । ସୁଦୃଢ଼ ହେବ ଗ୍ରାମାଞ୍ଚଳର ଐତିହ୍ୟ ଓ ସାଂସ୍କୃତିକ ଭିତ୍ତିଭୂମି, ଉନ୍ନତିକରଣ ହେବ ଡିଜିଟାଲ ସେବା, ବିକଶିତ ହେବ ମହିଳା ଓ ଯୁବ ସଶକ୍ତିକରଣ ଭିତ୍ତିଭୂମି ।
- ରାଜ୍ୟର **୪୩୭୩** ଅଣ-ବ୍ୟାଙ୍କ ଗ୍ରାମପଞ୍ଚାୟତବାସୀଙ୍କୁ ମିଳିବ ବ୍ୟାଙ୍କ ସୁବିଧା । ଉପକୃତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ବର୍ଗର ଜନସାଧାରଣ ।
- ନୂତନ ଉନ୍ନତ ଅଭିଳାଷ (NUA) ଓଡ଼ିଶା ଯୋଜନାରେ ପ୍ରତିବର୍ଷ **୧ ଲକ୍ଷ** ଯୁବକଯୁବତୀଙ୍କୁ ମିଳିବ ଯୁଗୋପଯୋଗୀ ଅତ୍ୟାଧୁନିକ ଦକ୍ଷତା ତାଲିମ । ଖର୍ଚ୍ଚ ହେବ **୩୮୫ କୋଟି** ଟଙ୍କା ।
- ଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରିବା ପାଇଁ ଭବିଷ୍ୟମୁଖୀ ସେମିକଣ୍ଡକ୍ଟର ନୀତି ପ୍ରସ୍ତୁତ । ସେମିକଣ୍ଡକ୍ଟର ଉତ୍ପାଦନ ଓ ଡିଜାଇନ୍‌ରେ ବୈଦେଶିକ ପୁଞ୍ଜିନିବେଶ ପାଇଁ ଉଦ୍ୟମ ।
- କଟକ-ଭୁବନେଶ୍ୱର-ପୁରୀରେ ଅତ୍ୟାଧୁନିକ ପରିବହନ ବ୍ୟବସ୍ଥା ପାଇଁ ମେଟ୍ରୋରେଲ ଯୋଜନା ।






ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: 15001/13/0112/2324

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo